# ଯୁବପିଢ଼ିଙ୍କ ମଧ୍ୟରେ ଆନିମେଶନ କ୍ରେଜ୍


ରେଳ ଅଡିଟୋରିୟମ୍‌ରେ ଆୟୋଜିତ ଆନିମେ ଇଭେଣ୍ଟରେ ଯୋଗଦେଇଥିବା ଯୁବ ଭଏସ୍‌ଓଭର ଆର୍ଟିଷ୍ଟଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୩୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆନିମେ' ପାଇଁ ଯୁବପିଢ଼ିଙ୍କର ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି। ଦିନ ଥିଲା ଆନିମେ' କହିଲେ କେବଳ ଜାପାନକୁ ବୁଝାଉଥିଲା। ମାତ୍ର ଏହା ଆଜି ବିଶ୍ୱସ୍ତରରେ ଲୋକପ୍ରିୟ ହେବାକୁ ଲାଗିଛି। ଜାପାନ ପରେ ଭାରତରେ ଆନିମେଶନର ଏକ ନୂଆ ଧାରା ଜାରି ରହିଛି। ସ୍ୱାଇକ୍ ସ୍ୱିଗେଲ, ମାକିମା, ମେଗୁମିନ, ନେଜୁକୋ, ମିକାସା, କାକାସି, ନାରୁତୋଙ୍କ ଭଳି ଅନେକ ଆନିମେ ଚରିତ୍ର ଆଜି ଯୁବପିଢ଼ିଙ୍କର ପସନ୍ଦ ପାଲଟିଛି। ଓଡ଼ିଶାରେ ମଧ୍ୟ ବହୁ ଯୁବପିଢ଼ି ଆନିମେ ସହ ବେଶ୍ ସକ୍ରିୟ ରହିଛନ୍ତି। ଭାଷାଗତ ପ୍ରତିବନ୍ଧକ ରହିଲେ ମଧ୍ୟ ସେମାନେ ସେସବୁକୁ ବୁଝିବା ସହ ନିଜେ ମଧ୍ୟ କହିପାରୁଛନ୍ତି। ରବିବାର ରେଳ ଅଡିଟୋରିୟମ୍‌ରେ ଫନ୍‌ହବ୍ ଓଡ଼ିଶା ଓ ଡିବିଏସ୍ କ୍ରୋନିକଲ୍ସ ପକ୍ଷରୁ ଆୟୋଜିତ ଆନିମେ ଇଭେଣ୍ଟରୁ ଯୁବପିଢିଙ୍କ ମଧ୍ୟରେ ଏଥିପ୍ରତି ଥିବା କ୍ରେଜ୍ ସ୍ପଷ୍ଟ ବାରି ହୋଇପଡୁଛି। ଆନିମେ'ର ଅନେକ ଚରିତ୍ରର ଅଭିନୟ କସ୍ ପ୍ଲେ ମାଧ୍ୟମରେ ଦେଖିବାକୁ ମିଳିଥିଲା। ଏଥିସହ ଗୀତ ଗାଇବା, ନାଚିବା, ପିଆନୋ ବଜାଇବା ଭଳି ଅନେକ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତର ଲୋକପ୍ରିୟ ଭଏସ୍‌ଓଭର ଆର୍ଟିଷ୍ଟ ସଙ୍କେତ ମାତ୍ରେ, ପାରୁଲ ଭଟ୍ଟନାଗର, ଲୋହିତ ଶର୍ମା, ନଚିକେତ ଦିଘେ ଯୋଗଦେଇଥିଲେ। ସେମାନଙ୍କ ସହ ଜାପାନରୁ ମାୟୋ, ରାରା, ଏସଖର୍, ଯୁପ୍ରଣିକ ପ୍ରମୁଖ ଉପସ୍ଥିତ ଥିଲେ।

ଆୟୋଜକ ପ୍ରିୟଦର୍ଶନ ଦ୍ୱିବେଦୀ କହିଛନ୍ତି, ଶେଷଥର ଆମେ ଗତ ନଭେମ୍ବରରେ ଏଭଳି ଇଭେଣ୍ଟ କରିଥିଲୁ। ଏଥରର ରେସ୍‌ପନ୍ସ ଭଲ ଅଛି। ସେତେବେଳେ ୪ଜଣ ଅତିଥି ଆସିଥିବା ବେଳେ ଏଥର ମୁମ୍ବାଇ, ଜାପାନ, ଦିଲ୍ଲୀ ଭଳି ଅନେକ ସ୍ଥାନରୁ ମୋଟ ୧୫ଜଣ ଅତିଥି ଆସିଛନ୍ତି। ଓଡ଼ିଶାରେ ମଧ୍ୟ ଧୀରେ ଧୀରେ ଆନିମେ ପ୍ରତି ପିଲାଙ୍କ ରୁଚି ବଢୁଛି। ଏବେ ମଧ୍ୟ ଆନିମେରେ ଅନେକେ କ୍ୟାରିୟର କରୁଛନ୍ତି, ଆଗକୁ ମଧ୍ୟ ଏହାର କ୍ଷେତ୍ର ବ୍ୟାପକ ହେବ। ଯୁବପିଢ଼ିଙ୍କ ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏକ ନୂଆ ଅନୁଭୂତି ଆଣିଦେବାର ଚେଷ୍ଟା ଜାରି ରହିବ। ତେବେ ଏହି ଇଭେଣ୍ଟରେ ଓଡ଼ିଶାରୁ ପ୍ରିୟରଞ୍ଜନ ଓ ସାତ୍ତ୍ୱିକ ଆନିମେ ଗୀତ ଗାଇ ଶୁଣାଇଥିବା ବେଳେ ଅସିମ୍ ପିଆନୋ ବଜାଇଥିଲେ।

### କ୍ୟାରିୟର କରିବାକୁ ଲକ୍ଷ୍ୟ ରଖିଛି



ପ୍ରଥମଥର ଷ୍ଟେଜ୍‌ରେ ଆନିମେ' ଗୀତ ଗାଇବାର ସୁଯୋଗ ମିଳିଲା। ବହୁତ ଖୁସି ଲାଗିଲା। କୋଭିଡ୍ ସମୟରୁ ଏଥିପ୍ରତି ଆଗ୍ରହ ବଢ଼ିଥିଲା। ଘରେ ମଧ୍ୟ ସଙ୍ଗୀତର ଆସର ରହିଛି। ତେଣୁ ମୋର ରୁଚି ବଢ଼ିଲା। ବର୍ତ୍ତମାନ ସମୟରେ ଏହା ଏକ ହବି ଭାବରେ ଚାଲିଛି। ଭବିଷ୍ୟତରେ ଏହାକୁ କ୍ୟାରିୟର କରିବାର ଯୋଜନା ରହିଛି।

–ପ୍ରିୟରଞ୍ଜନ ମିଶ୍ର

### ଶ୍ରୋତାଙ୍କ ତାଳି, ମା'ଙ୍କ ପ୍ରେରଣା ଉତ୍ସାହିତ କରିଛି



ମୋର ମଧ୍ୟ ଏହା ପ୍ରଥମ ପ୍ରଦର୍ଶନ ଥିଲା। ଶିଖିବାକୁ ଇଚ୍ଛା ଥିଲେ ଜଣେ ସବୁକିଛି ଶିଖିପାରିବ। ଜାପାନିଜ ଆନିମେ'ଗୁଡ଼ିକ ଶୁଣିଲେ ବୁଝିହେବ। ଶୁଣି ଶୁଣି ଶିଖିଗଲି। ଆଜିର ଶ୍ରୋତାଙ୍କ ପାଖରୁ ତାଳି ଶୁଣିବା ପରେ ମୋର ଉତ୍ସାହ ବଢ଼ିଯାଇଛି। ଏ କ୍ଷେତ୍ରରେ ବଢ଼ିବାକୁ ଇଚ୍ଛା ହେଉଛି। ବିଶେଷକରି ମୋ ମା'ସବନା ପାଢ଼ୀ ମୋତେ ଏଥିପାଇଁ ପ୍ରୋତ୍ସାହିତ କରନ୍ତି।

–ସାତ୍ତ୍ୱିକ ପାଢ଼ୀ

### ଏବେ ଆନିମେ' କଲଚର୍ ବହୁତ ଡେଭେଲପ୍ ହେଉଛି



ଆନିମେ ଦେଖିଲେ ହିଁ ଏକପ୍ରକାର ଇମୋଶନ ଆସିଯାଏ। ମୁଁ ବ୍ୟକ୍ତିଗତ ଭାବେ ଯୋଡ଼ିହୋଇଯାଏ। ଉଇକ୍‌ଏଣ୍ଡ୍‌ରେ ଏଥିପାଇଁ ମୁଁ ପୂରା ସମୟ ଦିଏ। ନିଜେ ଶିଖେ। ଏବେ ଆନିମେ କଲଚର୍ ବହୁତ ଡେଭେଲପ୍ ହେଉଛି। ଆଗରୁ ଆନିମେ ଦେଖୁଛି ବୋଲି ଶୁଣୁଥିଲେ ସମସ୍ତେ ଚିଡ଼ାଉଥିଲେ, ହେଲେ ଏବେ ଆନିମେ କ୍ଷେତ୍ରରେ ଏକ ପରିବର୍ତ୍ତନ ଆସିଛି।

–ଅସୀମ ମହାନ୍ତି

# ଭାରତୀୟ ଆନିମେ'ରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ପାଇବ

ଭୁବନେଶ୍ୱର,୩୦।୬(ଶର୍ମିଷ୍ଠା ପାଣିଗ୍ରାହୀ)


ଲୋକପ୍ରିୟ ଡବିଂ ଆର୍ଟିଷ୍ଟ ସଙ୍କେତ ମାତ୍ରେ

ପରଦା ପଛରେ ରହି ଭିନ୍ନ ଭିନ୍ନ ସ୍ୱରରେ ଦର୍ଶକଙ୍କ ମନ ଜିଣିବାରେ ଭଏସ୍‌ଓଭର ବା ଡବିଂ ଆର୍ଟିଷ୍ଟଙ୍କର ପ୍ରମୁଖ ଭୂମିକା ଥାଏ। ଭାରତର ଲୋକପ୍ରିୟ ଭଏସ୍‌ଓଭର ଆର୍ଟିଷ୍ଟଙ୍କ ମଧ୍ୟରେ ସଙ୍କେତ ମାତ୍ରେ ହେଉଛନ୍ତି ଅନ୍ୟତମ। ହଲିଉଡ୍‌ଠୁ ନେଇ ତେଲୁଗୁ, ତାମିଲ ଫିଲ୍ମରେ ସେ ଭଏସ୍ ଡବିଂ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଦକ୍ଷିଣ ଭରାତୀୟ ଚଳଚ୍ଚିତ୍ରରେ ଅନେକ ଲୋକପ୍ରିୟ କଳାକାରଙ୍କ ସ୍ୱରକୁ ମଧ୍ୟ ସେ ହିନ୍ଦୀରେ ଡବିଂ କରନ୍ତି। ହିନ୍ଦୀ ଡବିଂ ଇଣ୍ଡଷ୍ଟ୍ରିରେ ସେ ପ୍ରାୟତଃ କାମ କରନ୍ତି। ସେହିପରି ଲୋକପ୍ରିୟ କାର୍ଟୁନ ବେନ୍‌ଟେନ୍‌ର ସ୍ୱର ମଧ୍ୟ ତାଙ୍କର। ଓଡ଼ିଆ ଚଳଚ୍ଚିତ୍ର ଦମନର ହିନ୍ଦୀ ଡବିଂ ମଧ୍ୟ ସେ କରିଛନ୍ତି। ରବିବାର ଭୁବନେଶ୍ୱରଠାରେ ଆୟୋଜିତ ଆନିମେଶନ ଇଭେଣ୍ଟ ପାଇଁ ସଙ୍କେତ ଓଡ଼ିଶା ଆସିଥିବା ବେଳେ ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।

**୨୦୨୩ରେ ଆନିମେ' ଇଭେଣ୍ଟ ପାଇଁ ଓଡ଼ିଶା ଆସିଥିଲେ। ଏଥରର ନିଆରା କ'ଣ?**

➤ଓଡ଼ିଶା ଆସିବାକୁ ତ ବହୁତ ଭଲ ଲାଗେ। ଏଠାକାର ଖାଦ୍ୟ, ଲୋକ ମୋର ବହୁତ ପସନ୍ଦ। ପୂର୍ବରୁ ଯେଉଁ ଇଭେଣ୍ଟ ହୋଇଥିଲା ବୋଧେ ୪୦୦ରୁ ୫୦୦ ଦର୍ଶକ ଉପସ୍ଥିତ ଥିଲେ। ଭଏସ୍ ଆର୍ଟିଷ୍ଟ ଓ ଆନିମେ' ପାଇଁ ବହୁତ ସହଯୋଗ ଥିଲା। ଏଥରର କାର୍ଯ୍ୟକ୍ରମ ପୂର୍ବ କାର୍ଯ୍ୟକ୍ରମଠାରୁ ଦୁଇଗୁଣା ବଡ଼। ପ୍ରାୟ ୧୧୦୦ରୁ ଅଧିକ ଆନିମେ' ଲଭର୍ ଏଠାରେ ଉପସ୍ଥିତ ଅଛନ୍ତି। ଓଡ଼ିଶାର କ୍ରାଉଡ୍ ସବୁବେଳେ ଭିନ୍ନ। ଯେତେଥର ଆସିଲେ ନୂଆ ନୂଆ ଅନୁଭୂତି ମିଳେ।

**ଓଡ଼ିଶା ଆନିମେ' କଲଚର୍‌କୁ ଆପଣେଇ ପାରୁଛି ବୋଲି ଭାବୁଛନ୍ତି କି?**

➤ ନିହାତି ଭାବେ ଆନିମେ'ର ବହୁତ ଲୋକପ୍ରିୟତା ରହିଛି। ଏବେ ତ ବଡ଼ ବଡ଼ କମ୍ପାନୀ ଆନିମେ' ଉପରେ ଇନ୍‌ଭେଷ୍ଟ କରୁଛନ୍ତି। ଭାରତର କାହାଣୀ ଓ ସ୍ଥାନକୁ ନେଇ ନୂଆ ନୂଆ ଆନିମେ' ଶୋ' ଆଣୁଛନ୍ତି। ମୁଁ ନିଶ୍ଚିତ ଯେ, ଆଗାମୀ ଦିନରେ ଭାରତୀୟ ଆନିମେ'ରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିବ।

**ବିଶ୍ୱସ୍ତରରେ ଆନିମେଶନର ପ୍ରଭାବ, ସ୍ଥିତି ସମ୍ପର୍କରେ କ'ଣ କହିବେ?**

➤ କାର୍ଟୁନ ଓ ଆନିମେ' ମଧ୍ୟରେ ସବୁବେଳେ ଦ୍ୱନ୍ଦ୍ୱ ରୁହେ। ଲୋକେ ଭାବନ୍ତି ୨ଟା ଯାକ ସମାନ। କାର୍ଟୁନ ଛୋଟ ପିଲାଙ୍କ ପାଇଁ ହୋଇଥିବାବେଳେ ଆନିମେ' ବହୁତ ଷ୍ଟୋରିକୁ ସାମ୍ନାକୁ ଆଣିଥାଏ, ଯାହା ବାସ୍ତବ ହୋଇଥାଏ ଓ ଆନିମେଟେଡ୍ ଫର୍ମାଟ୍‌ରେ ଥାଏ। ସେଥିପାଇଁ ଆନିମେ' ସବୁ ବର୍ଗର ଲୋକଙ୍କୁ ଆକୃଷ୍ଟ କରେ। ସବୁ ବର୍ଗ ପାଇଁ ମଧ୍ୟ ଆନିମେ ଆସୁଛି।

**ଭଏସ୍‌ଓଭର ଆର୍ଟିଷ୍ଟ ପାଇଁ ଏଆଇ ଭୟ ରହିଛି କି?**

➤ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ର ଭୟ ତ ସବୁ କ୍ଷେତ୍ର ପାଇଁ ଆସିଛି। ବିଶେଷ କରି ଜଣେ ଭଏସ୍‌ଓଭର ଆର୍ଟିଷ୍ଟ ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଆଣିଛି। ବହୁ କ୍ଷେତ୍ରରେ ଏଆଇ ଭଏସ୍ ରିପ୍ଲେସ କରିଥିବା ମଧ୍ୟ ଦେଖିବାକୁ ମିଳିଛି। ମାତ୍ର ଯେଉଁଠି ଇମୋଶନ୍‌ର କଥା ଆସେ, ଲାଇଭ୍ ପ୍ରଦର୍ଶନ ରଖିବାକୁ ହୁଏ, ସେ ପର୍ଯ୍ୟନ୍ତ ଏଆଇ ଆସିପାରନି। ମାତ୍ର ଏହା ଭଏସ୍‌ଓଭର ଆର୍ଟିଷ୍ଟଙ୍କ କ୍ୟାରିୟର ପ୍ରତି ବିପଦ ନ ସାଜୁ, ଭଏସ୍‌ଓଭର ଆର୍ଟିଷ୍ଟ ହେବାକୁ ଚାହୁଁଥିବା ଯୁବପିଢ଼ିଙ୍କ ମନରେ ନକାରାତ୍ମକ ଭାବନା ନ ଆଣୁ ବୋଲି ମୁଁ ଆଶା ରଖିବି।

**ଆନିମେ'ରେ କ୍ୟାରିୟର କରିବାକୁ ଚାହୁଁଥିବା ଆର୍ଟିଷ୍ଟଙ୍କ ପାଇଁ କ'ଣ ବାର୍ତ୍ତା ଦେବେ?**

➤ଆମ ସମୟରେ ଯେଉଁମାନେ ଭଏସ୍‌ଓଭର ଆର୍ଟିଷ୍ଟ ଭାବେ ଆସିଥିଲେ, ସେମାନେ ଭୁଲ୍‌ରେ ଆସି ଯାଇଥିଲେ। ମାତ୍ର ଏବେ ତାହା ନ ହେଉ। ଯେଉଁମାନେ ଚାହୁଁଛନ୍ତି ଭଏସ୍‌ଓଭର ଆର୍ଟିଷ୍ଟ ହେବାକୁ, ସେମାନେ ପ୍ରପର ରିସୋର୍ସ କରି ଏହି କ୍ଷେତ୍ରକୁ ଆସନ୍ତୁ।

## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ): ପୋଖରୀରେ ବୁଡ଼ିଯିବାରୁ ରବିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଜେମାଦେଇ ହାଉସିଂବୋର୍ଡ କଲୋନୀ ଅଞ୍ଚଳର ସୁଶାନ୍ତ ରାଉତରାୟଙ୍କ ପୁଅ ସୁନୀଲ(୧୪)। ମା'ବାପା କୌଣସି କାମରେ ବାହାରକୁ ଯାଇଥିବା ବେଳେ ସ୍ଥାନୀୟ ବଧା ପୋଖରୀକୁ ସୁନୀଲ ଗାଧୋଇବାକୁ ଯାଇ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହସ ସହ ରହିଛି ଜୀବନର ନିବିଡ଼ ସମ୍ପର୍କ

ଭୁବନେଶ୍ୱର,୩୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ହସ ସହ ରହିଛି ଜୀବନର ନିବିଡ଼ ସମ୍ପର୍କ। ହସ ବ୍ୟକ୍ତିର ମନରେ ସୃଷ୍ଟି ହୁଏ ଓ ଶରୀର ମାଧ୍ୟମରେ ଆତ୍ମପ୍ରକାଶ କରେ। ହସ ହିଁ ମଣିଷକୁ ବିକଶିତ କରେ, ମନରୁ ଦୁର୍ଗୁଣକୁ ଦୂରେଇ ନେଇ ସୁସ୍ଥ, ସୁନ୍ଦର ପରିବେଶ ସୃଷ୍ଟି କରାଇବାରେ ସମର୍ଥ ହୁଏ ବୋଲି ଅଧ୍ୟାପକ ବିଶ୍ୱରଞ୍ଜନ କହିଛନ୍ତି। ଏମ୍ସର ପୂର୍ବତନ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୧୯୯ତମ ଆଲୋଚନାଚକ୍ର 'ହାସ୍ୟମେବ ଜୟତେ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱରଞ୍ଜନ ଏହା କହିଛନ୍ତି। ମୁଖ୍ୟବକ୍ତା ବୈଷ୍ଣବ ଚରଣ ମହାରି କହିଲେ, ସମାଜରେ ହସର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ସମାଜରେ ଜଟିଳତା ଓ ସମସ୍ୟା ଏପରି ବ୍ୟାପି ଚାଲିଛି ଯେ ତାହାର ସମାଧାନ ପାଇଁ ହାସ୍ୟରସ ହିଁ ଅମୋଘ ଅସ୍ତ୍ର। ସମ୍ମାନିତ ବକ୍ତା ଭାବେ ଡ. ବାସନ୍ତୀ ମହାନ୍ତି, ସଭାପତି ଡ. ଅଶୋକ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଗନ୍ତାୟତ ଶିବପ୍ରସାଦଙ୍କ ରଚିତ ବ୍ୟଙ୍ଗଗଳ୍ପ ପୁସ୍ତକ 'ଯାହା ମୁଁ ହେବାର ଥିଲା' ଓ ମୀନାକ୍ଷୀ ରାଉତରାୟଙ୍କ ଦ୍ୱାରା ଅନୁବାଦିତ 'ଶ୍ରେଷ୍ଠ ହିନ୍ଦୀ ହାସ୍ୟ ବ୍ୟଙ୍ଗ ଗଳ୍ପ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ମୁକ୍ତଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇ ମଞ୍ଚ ପରିଚାଳନା କରିଥିବା ବେଳେ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ର 'ହାସ୍ୟମେବ ଜୟତେ'ରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ହେନ୍ତାଳବନ ସଂରକ୍ଷଣ, ସୁରକ୍ଷା ପାଇଁ ପଥୋତ୍ସବ ଆରମ୍ଭ


ମାନଗ୍ରୁଭ୍ (ହେନ୍ତାଳବନ) ପଥୋତ୍ସବ ଉଦ୍‌ଘାଟନ ଅବସରରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୩୦।୬ (ବନ୍ଦନା ସେଠୀ)

ସୋକ୍ରାଟସ୍ ଫାଉଣ୍ଡେଶନ ଓ ନେଚର୍ସ କ୍ଲବ୍ ପକ୍ଷରୁ ରବିବାର ମାନଗ୍ରୁଭ୍ (ହେନ୍ତାଳବନ) ପଥୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଇସିଆର୍‌ଆଇସିସି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜ୍ୟ ସଂଗ୍ରହାଳୟ ଏବଂ ଅନ୍ୟାନ୍ୟ ନେଟ୍‌ୱାର୍କ ସହଭାଗୀତାରେ ସଂଗ୍ରହାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ଓଡ଼ିଶାର ସମୁଦ୍ରତଟ ଅଞ୍ଚଳଗୁଡିକର ଜୈବବିବିଧତା ଅଭିବୃଦ୍ଧି ଓ ସୁରକ୍ଷାକୁ ଉନ୍ନତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଥିସହ ବିଭିନ୍ନ ସମ୍ପ୍ରଦାୟ, ସମାଜ, ସରକାର, ମାର୍କେଟ ଅପରେଟର ପ୍ରମୁଖ ପ୍ରତିନିଧିଙ୍କୁ ଏକାଠି କରିବା ଏବଂ ହେନ୍ତାଳବନ ବା ଲୁଣା ଜଙ୍ଗଲର ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ଅନ୍ୟତମ ଲକ୍ଷ୍ୟ ରହିଛି। କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା 'କ୍ଲାଇମେଟ୍ ରେସିପି' ପୁସ୍ତକ ଉନ୍ମୋଚନ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଓଏସ୍‌ପିସିବିର ନିର୍ଦ୍ଦେଶକ କେ. ମୁରୁଗେଶନ୍, ସୋକ୍ରାଟସ୍‌ର ନିର୍ଦ୍ଦେଶକ ରାଜେଶ କସ୍ତୁରୀରଙ୍ଗନ୍, ରେନ୍‌ମ୍ୟାଟର ଫାଉଣ୍ଡେଶନ୍‌ର ସିଇଓ ସମୀର ସିସୋଡିଆ ପ୍ରମୁଖ ଉପସ୍ଥିତ ରହି ହେନ୍ତାଳ ବନର ସୁରକ୍ଷା ଦିଗରେ ମତ ରଖିଥିଲେ। ଏଥିସହ ହେନ୍ତାଳ ବନର ପରିବେଶ ପ୍ରତି ରହିଥିବା ଅବଦାନ ଏବଂ ଏହାର ଅନ୍ୟାନ୍ୟ ଉପକାରକୁ ଦର୍ଶାଇ ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି।



ଭୁବନେଶ୍ୱର ୟୁନିଟ୍–୩ ଖାରବେଳନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ୩ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉତ୍ସବରେ ପ୍ରଧାନ ଆଚାର୍ଯ୍ୟଙ୍କ ସହ ଅତିଥିମାନେ ବିଦାୟୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ଶିକ୍ଷାଦାନ ଓ ଗୁଣଗାନ କରି ସେମାନଙ୍କ ଦୀର୍ଘ ଜୀବନ କାମନା କରିଥିଲେ।

## ଅନ୍ଧ ବିଶ୍ୱାସ ନା ବିଜ୍ଞାନ ସମ୍ମତ

# ଘର ଫାଟକରେ ନାଳି ବୋତଲ

ଭୁବନେଶ୍ୱର,୩୦।୬(ସୂର୍ଯ୍ୟକାନ୍ତ ବେହେରା)

ବିଜ୍ଞାନ ଯୁଗରେ ବି ବହୁ ଅନ୍ଧବିଶ୍ୱାସକୁ ଲୋକେ ବିଶ୍ୱାସ କରି ନେଉଛନ୍ତି ବା ମାନି ଆସୁଛନ୍ତି। ବହୁ ଅନ୍ଧବିଶ୍ୱାସ ବି ବିଜ୍ଞାନ ସମ୍ମତ ଭାବେ ପ୍ରମାଣିତ ହେବା ସହ ପରୋକ୍ଷରେ ମାନବ ଜାତିର କାମରେ ଆସୁଛି। ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକାଂଶ ଲୋକ ପୁରୁଣା ପ୍ରଥା, ବିଶ୍ୱାସକୁ ଜାବୁଡ଼ି ଧରିଛନ୍ତି। ହେଲେ ରାଜଧାନୀ ଭୁବନେଶ୍ୱର ଭଳି ସହରରେ କିଛି କିଛି ଘଟଣାକୁ ନେଇ ମନରେ ନାନା ପ୍ରଶ୍ନ ଉଠୁଛି। ଦୋକାନ ବଜାର ହେଉକି ଲୋକଙ୍କ ଘର ଆଗରେ ନାଳି ପାଣି ବୋତଲ ରହୁଥିବା ବା ଟଙ୍ଗା ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ରାତି ସମୟରେ ଏହା ଅଧିକ ନଜରକୁ ଆସୁଛି। ତେବେ ଏହା ପଛର କାରଣ ବା ରହସ୍ୟ ଜାଣିବାକୁ ଆମେ ଚେଷ୍ଟା କରିଥିଲୁ।

ଏହା ବିଜ୍ଞାନ ସମ୍ମତ କୌଣସି ପ୍ରମାଣ ନ ଥିଲେ ମଧ୍ୟ ନାଳି ବୋତଲ ଦେଖିଲେ କୁକୁର ସେହି ସ୍ଥାନ ମାଡ଼ନ୍ତି ନାହିଁ କି ଗାଈଗୋରୁ ଭଳି ବୁଲା ଜୀବଜନ୍ତୁ ଅଳିଆ ଆବର୍ଜନା କରନ୍ତି ନାହିଁ ବୋଲି କେତେଜଣ କହିଛନ୍ତି। ଆଉ ଏହାକୁ ସହରରେ ରହୁଥିବା ବହୁ ଶିକ୍ଷିତ ଲୋକ ମଧ୍ୟ ବହୁତ ବିଶ୍ୱାସର ସହ ନେଉଥିବା ଦେଖାଯାଉଛି। ଭୁବନେଶ୍ୱରରେ ରହୁଥିବା ଲୋକାତାର ଜଣେ ମହିଳା କହିଛନ୍ତି, ପଶ୍ଚିମବଙ୍ଗରେ ଆମେ ଏହାକୁ ଅଧିକ ବିଶ୍ୱାସ କରୁ। ଭୁବନେଶ୍ୱରରେ ମଧ୍ୟ ନାଳି ପାଣି ବୋତଲ ଘର ଆଗରେ ରହୁଥିବା ଦେଖୁଛି। କିନ୍ତୁ ନୟାପଲ୍ଲୀ ଅଞ୍ଚଳରେ ଘର ଫାଟକରେ ନାଳି ବୋତଲ ଟଙ୍ଗା ଯାଇଥିବା କୋଠାରେ ରହୁଥିବା ଭଡାଟିଆମାନେ କହିଛନ୍ତି, ଏହାଦ୍ୱାରା କିଛି ପ୍ରଭାବ ପଡୁନାହିଁ। କୁକୁରମାନେ ଘର ଫାଟକକୁ ଆସିବା ସହ ଝାଡ଼ାପରିସ୍ରା କରି ପଳାଉଛନ୍ତି। କିନ୍ତୁ ଲୋକେ କାହିଁକି କେଜାଣି ଅନ୍ଧବିଶ୍ୱାସକୁ ଆଦରି ନେଇଛନ୍ତି ତାହା ବୁଝାପଡୁନାହିଁ। ବୋତଲରେ ନାଳି ପାଣି ରଖିବା ଦ୍ୱାରା ବୁଲା ପ୍ରାଣୀ ଆଉ ଅଳିଆ କରିବେନି କି ଏଥିରେ ପରିସ୍ରା କରିବେ ନାହିଁ ବୋଲି ଲୋକେ ଯେଉଁ ବିଶ୍ୱାସ କରୁଛନ୍ତି ତାହା ଠିକ୍ ନୁହେଁ ବୋଲି ଅନ୍ୟ କେତେଜଣ କହିଛନ୍ତି।


ଭୁବନେଶ୍ୱର ଜଣେ ବ୍ୟକ୍ତିଙ୍କ ଘର ଫାଟକରେ ନାଳିପାଣି ଭର୍ତ୍ତି ବୋତଲ ଟଙ୍ଗା ହୋଇଛି।

### ଆଦୌ ଠିକ୍ ନୁହେଁ, ଏହା ଅଶୁଭର ଲକ୍ଷଣ

ଘର ଆଗରେ ବୋତଲ ଟଙ୍ଗାଇବା ଗୋଟେ ଅନ୍ଧ ବିଶ୍ୱାସ। କାହା ସହିତ କୌଣସି ବନ୍ୟଜନ୍ତୁ ଆସିବା ନ ଆସିବାର କୌଣସି ସମ୍ପର୍କ ନାହିଁ। ଏହି ପନ୍ଥାକୁ ଆପଣାଇବା ଆଦୌ ଉଚିତ ନୁହେଁ। ନିର୍ଦ୍ଦିଷ୍ଟ ମାନସିକତାର କେତେଜଣ ବ୍ୟକ୍ତି ଏହାର ପ୍ରଚାର କରି ଅନ୍ଧବିଶ୍ୱାସକୁ ବୃଦ୍ଧି କରୁଛନ୍ତି। ତେଣୁ ଏଥିରୁ ଦୂରେଇ ରହିଲେ ଭଲ ହେବ। ଏହାସହ ଘର ଆଗରେ ଲାଲ ରଙ୍ଗର ଜିନିଷ ଟଙ୍ଗାଇବା ଗୃହ ପାଇଁ ଅଶୁଭ।

–ମନୋଜ କୁମାର ଲେଙ୍କା,
ଅନ୍ତର୍ଜାତୀୟ ଜ୍ୟୋତିର୍ବିଦ୍ ଓ ବାସ୍ତୁବିଦ୍

**FORM NO. 14**
[See Regulation 33(2)]
By Regd. A/D, Dasti failing which by Publication
OFFICE OF THE RECOVERY OFFICER-I/II
**DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014, ODISHA
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.
RC/5/2018 27-06-2024
STATE BANK OF INDIA
Versus
SHRI ASWINI KUMAR BEHERA AND OTHERS
To
(**CD 1**) Shri Aswini Kumar Behera & Others, S/o: Shri Krushna Chandra Behera, Plot No. 508, Bhoinagar bayabada, Matha Road, Unit No. 9 Bhubaneswar, Khordha- 751010, Also at: 751022

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/470/2013** an amount of Rs. **1865242.00 (Rupees Eighteen Lakhs Sixty Five Thousands Two Hundred Forty Two Only)** along with pendentellite and future interest @ % w.e.f. // till realization and costs of Rs. **0 (Only)** has become due against you (Jointly and severally/Fully/Limited).
2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **02/09/2024** at **10:30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate / execution proceedings.
(b) All costs, charges and expenses incurred in respect of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: **27/06/2024.**
Sd/- Recovery Officer
DEBTS RECOVERY TRIBUNAL, CUTTACK

## ସଂକ୍ଷେପରେ

### ୨ ବାଇକ୍‌କୁ ଧକ୍କା ଦେଲା କାର୍, ୩ ଗୁରୁତର



ବାରଙ୍ଗ,୩୦।୬(ଲିଙ୍ଗରାଜ ରାଉତ)

ନରାଜ ଆନିକଟ ନିକଟରେ ଏକ କାର୍ ଦୁଇଟି ବାଇକ୍‌କୁ ଧକ୍କା ଦେବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଗୁରୁତରମାନଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ଜଣେ ପୋଲିସ କର୍ମଚାରୀ ବୋଲି ତାଙ୍କର ପରିଚୟପତ୍ରରୁ ଜଣାପଡ଼ିବା ସହ କାରରେ ମଦ ବୋତଲ ଥିବା ଯାଞ୍ଚ ବେଳେ ପୋଲିସ ଦେଖିବାକୁ ପାଇଥିଲା। ସୂଚନା ମୁତାବକ, ଅପରାହ୍ନ ୪ଟାରେ କାର୍ ଚାଳକ ତଥା ଜଣେ ପୋଲିସ କର୍ମଚାରୀ ଦୁଇଜଣ ସହଯୋଗୀଙ୍କ ସହ ନରାଜ ପଟୁ ସିଡ଼ିଏ ଅଭିମୁଖେ ଯାଉଥିଲେ। ନରାଜ ଆନିକଟ ନିକଟରେ କାରଟି ଏକ ବାଇକ୍‌କୁ ଧକ୍କା ଦେଇଥିଲା। ପରେ ଆଉ ଏକ ବାଇକକୁ ଧକ୍କାଦେଇ କିଛି ବାଟ ଘୋଷାଡି ନେଇଥିଲା। ଦୁର୍ଘଟଣାରେ କାର୍ ସମ୍ମୁଖଭାଗ ଭାଙ୍ଗିଯିବା ସହ ଦୁଇଟି ବାଇକ୍ ଚୁରମାର ହୋଇଯାଇଛି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଏହାପରେ କାର୍ ଚାଳକ ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଅଟକ ରଖି ସିଡ଼ିଏ ଫେଜ-୨ ପୋଲିସ ଜିମା ଦେଇଥିଲେ।

### ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ବୋଲଗଡ଼/ ଧଳାପଥର, ୩୦।୬(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ଭାପୁରରୁ କୋଦୁଅବେରେଣୀକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତାର କାଳିଗିରି ପୋଲ ନିକଟରେ ରବିବାର ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା



ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ହାଟପଦା ଗ୍ରାମର ଦେବାଶିଷ ସାହୁ(୩୦)। ସୂଚନା ମୁତାବକ, ଅପରାହ୍ନରେ ଦେବାଶିଷ ବାଇକ୍ (ଓଡି ୩୩ ବି ୫୧୦୮)ରେ କଳାପଥର ଅଭିମୁଖେ ଯାଉଥିଲେ। ଏହି ସମୟରେ କାଳିଗିରି ପୋଲ ନିକଟରେ ବିପରୀତ ପଟୁ ଆସୁଥିବା ଏକ ହାଇୱା (ଓଡି ୨୫ ଏନ୍ ୧୨୨୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ଘଟଣାର ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି।

# ୬ ସମ୍ବେଦନଶୀଳ ସ୍ଥାନରେ ବ୍ୟାରିକେଡିଂ ହେଲା

ଭୁବନେଶ୍ୱର, ୩୦।୬ (ବନ୍ଦନା ସେଠୀ)



ସହରରେ ଥିବା ମୁକୁଳା ଡ୍ରେନ୍‌ରେ ହେଉଥିବା ଦୁର୍ଘଟଣାକୁ ନେଇ ପ୍ରତିବର୍ଷ ବିଏମ୍‌ସି ସମାଲୋଚିତ ହୋଇଆସୁଛି। ତେବେ ଗତ କିଛିଦିନ ତଳେ ୟୁନିଟ-୩ ମସଜିଦ କଲୋନୀରେ ଡ୍ରେନ ପାଣିରେ ଭାସି ଜଣେ ନାବାଳକର ମୃତ୍ୟୁ ପରେ ଏବେ ଆକ୍ସନ ମୁଡ୍‌କୁ ଆସିଛି ବିଏମ୍‌ସି। ଘଟଣା ପରେ ସହରରେ ମୋଟ୍ ୩୪ଟି ସମ୍ବେଦନଶୀଳ ସ୍ଥାନ ଥିବା ଚିହ୍ନଟ କରାଯାଇ ସେଗୁଡିକରେ ସପ୍ତାହକ ମଧ୍ୟରେ ବ୍ୟାରିକେଡିଂ କରାଯିବ ବୋଲି କମିଶନର ରାଜେଶ ପ୍ରଭାକର ପାଟିଲ୍ ଗତ ୨୫ ତାରିଖରେ ସୂଚନା ଦେଇଥିଲେ। ତେବେ ଇତି ମଧ୍ୟରେ ଫରେଷ୍ଟପାର୍କ, ରେଳଷ୍ଟେସନ, ଲକ୍ଷ୍ମୀସାଗର ଭଳି ୬ଟି ସମ୍ବେଦନଶୀଳ ସ୍ଥାନରେ ବ୍ୟାରିକେଡ୍ କରାଯାଇଥିବା ବିଏମସିର ସିଟି ଇଞ୍ଜିନିୟର ସୂଚନା ଦେଇଛନ୍ତି। ଆଉ ୩/୪ଦିନ ମଧ୍ୟରେ କାମ ସରିଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରାଥମିକସ୍ତରରେ ଏବେ ସହରର ୨୫ଟି ସ୍ଥାନକୁ ପ୍ରାଧାନ୍ୟ ଦିଆଯାଉଥିବାବେଳେ ଏଥିରେ ପ୍ରାୟ ୧କି.ମିର ବ୍ୟାରିକେଡ୍ କରାଯିବ। ସେହିପରି ବର୍ଷାହେଲେ ଜଳବନ୍ଦୀ କିମ୍ବା ଅନ୍ୟ କୌଣସି ଅପ୍ରିତିକର ସ୍ଥିତିରୁ ବର୍ତ୍ତିବା ପାଇଁ ବିଏମସି ପକ୍ଷରୁ ଏକ ରାପିଡ୍ ଆକ୍ସନ ଟିମ୍ ପ୍ରସ୍ତୁତ କରାଯାଇଛି। ଏଥିରେ ଡ୍ରେନେଜ୍ ଡିଭିଜନ୍ କଣ୍ଟ୍ରୋଲ ରୁମ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ଜେଇ,ଏସ୍‌ଡ଼ିଓ ମିଶାଇ ମୋଟ୍ ୪ଜଣଙ୍କୁ ସାମିଲ୍ କରାଯାଇଛି। କୌଣସି ସ୍ଥାନରେ ଜଳବନ୍ଦୀ ଆଶଙ୍କା ଥିଲେ ବା ଖବର ପାଇଲେ ତୁରନ୍ତ ଏହି ଟିମ୍ ଜେସିବି ସହିତ ଘଟଣାସ୍ଥଳରେ ପହଞ୍ଚିଯିବ। ତେଣୁ ବର୍ଷାପାଇଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବନାହିଁ ବୋଲି କୁହାଯାଇଛି। ସେହିପରି ନଗରଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ କିଛି ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ମନ୍ତ୍ରୀ ନିର୍ଦ୍ଦେଶ ଦେଲେ ଏନେଇ ଆଲୋଚନା କରାଯିବ ବୋଲି ସିଟି ଇଞ୍ଜିନିୟର କହିଛନ୍ତି।

## ୩ ମାସରେ ସରିବ ମୁକୁଳା ଡ୍ରେନ୍‌ରେ ସ୍ଲାବ୍ କାମ

ଭୁବନେଶ୍ୱର, ୩୦।୬ (ବନ୍ଦନା ସେଠୀ)

### ଟେଣ୍ଡର ଆହ୍ୱାନ କଲା ବିଏମ୍‌ସି

ସହରରେ ଥିବା ମୁକୁଳା ଡ୍ରେନ୍ ଉପରେ ୧ମାସ ମଧ୍ୟରେ ସ୍ଲାବ୍ ପଡିବା ନେଇ କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏଥିରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଏହା ସମୟସାପେକ୍ଷ ହୋଇଥିବାରୁ ୧ମାସ ମଧ୍ୟରେ କାମ ସାରିବା ସମ୍ଭବପର ନ ଥିବା ଜଣାଯାଇଛି। ତେବେ ଘଟଣାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ଜୁନ୍ ୨୬ରେ ନୋଟିଫିକେଶନ ହୋଇ ଟେଣ୍ଡର ଡକା ଯାଇଛି। ୬ଟି ପ୍ୟାକେଜ୍‌ରେ ଟେଣ୍ଡର ଡକାଯାଇଛି। ପ୍ୟାକେଜ୍-୧ରେ ୱାର୍ଡ ନଂ. ୧,୨,୩, ୧୬, ୨୦, ୨୧ ଓ ୨୬ରେ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଯିବା ସହ ଡ୍ରେନ୍‌ର ମରାମତି ମଧ୍ୟ କରାଯିବ। ଏଥିପାଇଁ ୨କୋଟି ୧୫ଲକ୍ଷ ୬୦ହଜାର ୫୬ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ପ୍ୟାକେଜ୍-୨ରେ ୱାର୍ଡ ନଂ. ୪, ୫, ୧୦,୧୮, ୧୯, ୨୮,୨୯, ୩୦, ୩୨ ଏବଂ ୩୪ ପାଇଁ ୧କୋଟି ୬୯ଲକ୍ଷ ୭୩ହଜାର ୨୦୮ ଟଙ୍କା, ପ୍ୟାକେଜ-୩ରେ ୬, ୭, ୮, ୯, ୧୧, ୧୨, ୧୩, ୧୪, ୧୭, ୩୩, ୪୦, ୪୧, ୪୨ ଏବଂ ୪୩ ପାଇଁ ୨କୋଟି ୩୯ଲକ୍ଷ ୪୮ହଜାର ୧୬ଟଙ୍କା, ପ୍ୟାକେଜ-୪ରେ ୱାର୍ଡ ନଂ. ୨୫,୨୭, ୩୧,୩୭,୫୦,୫୧,୬୨ ଏବଂ ୬୫ ପାଇଁ ୨କୋଟି ୧୫ଲକ୍ଷ ୪୪ହଜାର ୪୬୮ ଟଙ୍କା, ପ୍ୟାକେଜ୍-୫ରେ ୱାର୍ଡ ନଂ. ୩୫, ୩୬, ୩୮, ୩୯, ୪୬ ଏବଂ ୪୮ ପାଇଁ ୧କୋଟି ୫୬ଲକ୍ଷ ୩ହଜାର ୫୮୩ଟଙ୍କା ଏବଂ ପ୍ୟାକେଜ୍-୬ରେ ୱାର୍ଡ ନଂ. ୧୫, ୨୨, ୨୩, ୨୪, ୪୭, ୪୯, ୬୩, ୬୪ ଏବଂ ୬୬ ପାଇଁ ୨କୋଟି ୪୩ଲକ୍ଷ ୮୫ହଜାର ୩୬ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ସେହିପରି ସମସ୍ତ କାମ ୩ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ସର୍ଜନାତ୍ମକ ସାହିତ୍ୟ ଝରଣା ପରି ଆଗକୁ ପ୍ରବାହିତ ହୋଇଥାଏ



ଭୁବନେଶ୍ୱର,୩୦।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସର୍ଜନାତ୍ମକ ସାହିତ୍ୟ କଳ ନିନାଦିନୀ ଝରଣା ପରି ଆଗକୁ ପ୍ରବାହିତ ହୋଇଥାଏ। ଏହାର ଗତି ବେଶ ମୁଗ୍ଧକର। ଏହି ଗତିକୁ ଏକବିଂଶ ଶତାବ୍ଦୀର ଚିନ୍ତାଚେତନା ସହିତ ସହବନ୍ଧିତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ରମେଶଚନ୍ଦ୍ର ମଲ୍ଲିକ ଆହ୍ୱାନ ଦେଇଛନ୍ତି। ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ଓ ଅରୁଣ-ତରୁଣ ଶିଶୁ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ସର୍ଜନଶୀଳ ସାହିତ୍ୟ କର୍ମଶାଳାରେ ପ୍ରଫେସର ମଲ୍ଲିକ ଏହି ମତବ୍ୟକ୍ତ କରିଥିଲେ। ଅରୁଣ-ତରୁଣ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କୃତ୍ତିବାସ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଇଂ. ଶଶିଭୂଷଣ ରଥ ପଠିତ କବିତାଗୁଡିକର ସମୀକ୍ଷା କରିବା ସହ ସର୍ଜନଶୀଳ ସାହିତ୍ୟ ରଚନା ସମ୍ପର୍କରେ କହିଥିଲେ। ଅତିଥି ଭାବେ ଯୋଗଦେଇ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ କବି ଡ. ଅଶ୍ୱିନୀ କୁମାର ମିଶ୍ର ସଂସଦର ମୁଖପତ୍ର 'ଚିହ୍ନ-୪୭', ମାସିକ ୱେବ୍ ସାହିତ୍ୟ ପତ୍ରିକା 'ଇ- ପତ୍ରିକା'ର ୩ୟ ବର୍ଷ ୧ମ ସଂଖ୍ୟା ଏବଂ ସଂସଦର ମାସିକ ସାହିତ୍ୟ ବୁଲେଟିନ 'ଆମ ସାହିତ୍ୟ ଆସର-୬୬'କୁ ଲୋକାର୍ପଣ କରିଥିଲେ। ସଂସଦର ପ୍ରତିଷ୍ଠାତା ସମ୍ପାଦକ କବି ବସନ୍ତ ମାଝି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଇ-ପତ୍ରିକାର ସମ୍ପାଦକ ସରୋଜ କୁମାର ଶତପଥୀ, ଆମ ସାହିତ୍ୟ ଆସରର ସମ୍ପାଦିକା ଅନ୍ନଦା ମିଶ୍ର ପତ୍ରିକାଗୁଡିକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଧର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣରେ ସରକାର ସହଯୋଗ କରନ୍ତୁ'

### ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ମୁକେଶ ଜୈନ

କୋଣାର୍କ,୩୦।୬(ଜ୍ୟୋତିରାଜ ମହାନ୍ତି)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦିଲ୍ଲୀ ଗସ୍ତ ଅବସରରେ ତାଙ୍କୁ ନୂତନ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣଶାଳାର ଅଧ୍ୟକ୍ଷ ମୁକେଶ ଜୈନ ଭେଟି ମନ୍ଦିର ନିର୍ମାଣରେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରିଛନ୍ତି। ନୂତନ ମୁଖ୍ୟମନ୍ତ୍ରୀଙ୍କୁ ଜୈନ ପ୍ରଥମେ ଶୁଭେଚ୍ଛା ଜଣାଇବା ସହ ରାଧାକୃଷ୍ଣ ମୂର୍ତ୍ତି ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଉପସ୍ଥିତ ରହି କୋଣାର୍କରେ ନିର୍ମାଣାଧୀନ ନୂତନ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ମହାପ୍ରଭୁ ସୂର୍ଯ୍ୟନାରାୟଣଙ୍କ ପ୍ରତିମା ଏକ ଛୋଟ ମନ୍ଦିରରେ ପୂଜା ପାଉଥିବାବେଳେ ମୁଖ୍ୟ ମନ୍ଦିର ଖୁବ୍‌ଶୀଘ୍ର ଆରମ୍ଭ ହେବ। ତାହାର ଭିତ୍ତିପ୍ରସ୍ତର ମୁଖ୍ୟମନ୍ତ୍ରୀଙ୍କ ହାତରେ ହେବା ପାଇଁ ଜୈନ ଅନୁରୋଧ କରିଥିଲେ। ଧାର୍ମିକ ଚିନ୍ତାଧାରା ଓ ହିନ୍ଦୁଧର୍ମର ଲୋକଙ୍କ ପାଇଁ ସୂର୍ଯ୍ୟ ପୂଜା ନିମନ୍ତେ କୋଣାର୍କରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଉଥିବାରୁ ଜୈନଙ୍କୁ ମୁଖ୍ୟମନ୍ତ୍ରୀ ମାଝି ସାଧୁବାଦ ଜଣାଇଛନ୍ତି। ଭାଜପା ସରକାର ସବୁବେଳେ ହିନ୍ଦୁଧର୍ମକୁ ଗୁରୁତ୍ୱ ଦେଇଆସିଥିବାରୁ କୋଣାର୍କରେ ନୂତନ ସୂର୍ଯ୍ୟମନ୍ଦିର ନିର୍ମାଣ ପାଇଁ ରାଜ୍ୟ ସରକାର ସହଯୋଗ କରିବେ ବୋଲି ଜୈନ ଆଶାବ୍ୟକ୍ତ କରିଛନ୍ତି।

## ଡିଭାଇଡର ଡେଇଁ ଟ୍ରକ୍‌ରେ ପିଟିହୋଇ କାର୍ ଚୂର୍‌ମାର



ଭୁବନେଶ୍ୱର,୩୦।୬(ସୂର୍ଯ୍ୟକାନ୍ତ ବେହେରା)

### ଜଣେ ମୃତ, ୪ ଗୁରୁତର

ତମାଣ୍ଡୋ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହ୍ୟୁଣ୍ଡାଇ ଶୋ'ରୁମ୍ ନିକଟରେ ରବିବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେବା ପରେ ଅପରପାର୍ଶ୍ୱରେ ଯାଉଥିବା ଏକ ଟ୍ରକ୍‌ରେ ଧକ୍କା ହୋଇଛି। ଏଥିରେ କାର୍‌ଟି ସମ୍ପୂର୍ଣ୍ଣ ଚୁର୍‌ମାର୍ ହୋଇଯାଇଥିବାବେଳେ ସେଥିରେ ଥିବା ଜଣଙ୍କର ମୃତ୍ୟୁ ଘଟିଛି ଓ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଲିଅନ୍ତା ଅଞ୍ଚଳର ବିଶ୍ୱଜିତ ରାୟ। ଆହତମାନଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ସେମାନଙ୍କର ପରିଚୟ ଜାଣିବାକୁ ପୋଲିସ ଉଦ୍ୟମ କରିବା ସହ ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ଉକ୍ତ କାର୍‌ଟି ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। କାର୍ ଆଗରେ ଏକ ଗାଈ ଅତିକ୍ରମ କରିବାରୁ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ଗାଈଟିକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ କାର୍‌ଟି ଡିଭାଇଡରରେ ପ୍ରଥମେ ପିଟି ହୋଇଯାଇଥିଲା। ପରେ ଡିଭାଇଡର ଡେଇଁ ରାସ୍ତାର ଅପରପାର୍ଶ୍ୱକୁ ଚାଲିଯାଇଥିଲା। ଏହି ସମୟରେ ଉକ୍ତ ପାର୍ଶ୍ୱରେ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍‌ରେ କାର୍‌ଟି ଜୋର୍‌ରେ ପିଟି ହୋଇଯାଇଥିଲା। ଖବରପାଇ ତମାଣ୍ଡୋ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆହତମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଡ୍ରୋନ ଉଡାଣ, ରକେଟ ଉତ୍କ୍ଷେପଣ ସମ୍ବନ୍ଧୀୟ କର୍ମଶାଳା ଉଦ୍‌ଯାପିତ

ବାଲିଅନ୍ତା ୩୦।୬(ନୀଳମାଧବ ସାହୁ)



ବାଲିଅନ୍ତାସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ପରିସରରେ ଦୁଇଦିନ ଧରି ଚାଲିଥିବା ଡ୍ରୋନ ଉଡାଣ ଓ ରକେଟ ଉତ୍କ୍ଷେପଣ ସମ୍ବନ୍ଧୀୟ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ଅତିଥିଭାବେ ଯୋଗଦେଇ କୃଷିକ୍ଷେତ୍ରରେ ଡ୍ରୋନର ବ୍ୟବହାର ଓ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଦିଲ୍ଲୀର ଇଣ୍ଡୋପାଲନେଟକ୍ସ ସ୍ପେସ ଭଲଟ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡର ପ୍ରଶିକ୍ଷଣ ଅଙ୍କିତ କୁମାର, ସୋମେନ ସାମନ୍ତ, ଭିଜଲ ମଧୁ ମୋହନ ଉନିଥନ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଡ୍ରୋନର ବ୍ୟବହାରର ସମ୍ପର୍କରେ ବୁଝାଇଥିଲେ। ଏହି କର୍ମଶାଳାରେ ରକେଟର ପ୍ରସ୍ତୁତି ଓ ଉତ୍କ୍ଷେପଣର ପ୍ରଦର୍ଶନ କରାଯାଇଥିଲା। ପ୍ରଫେସର ରବିନାରାୟଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କର୍ମଶାଳାର ପ୍ରାରମ୍ଭରେ ଶିକ୍ଷାନୁଷ୍ଠାନର ପ୍ରଫେସର ଡ.ଶର୍ମିଳା ସୁବ୍ରମଣ୍ୟମ ସ୍ୱାଗତ ଅଭିଭାଷଣ ରଖିଥିଲେ। ଶିକ୍ଷାନୁଷ୍ଠାନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ.ବଙ୍କିମ ମହାନ୍ତି କର୍ମଶାଳାରେ ଯୋଗଦାନ କରିଥିବା ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ। ପ୍ରଫେସର ସତ୍ୟନାଥ ମହାପାତ୍ର ଏବଂ ପ୍ରଫେସର ଅନନ୍ୟା ସ୍ୱାଇଁ କର୍ମଶାଳା ପରିଚାଳନା କରିଥିଲେ।

## ଟ୍ରକ୍ ଚଢ଼ିଗଲା: ବାଇକ୍ ଆରୋହୀ ମୃତ, ଅନ୍ୟ ଜଣେ ଆହତ

ଭୁବନେଶ୍ୱର,୩୦।୬(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ପଡିଆ ମୁଖ୍ୟ ଗେଟ୍ ଆଗରେ ୧୬ ନମ୍ବର ଜାତୀୟ ରାଜପଥରେ ରବିବାର ରାତିରେ ଏକ ସଡକ ଦୁର୍ଘଟଣା ହୋଇଛି। ବାଇକ୍‌କୁ ଖସି ପଡିଥିବା ଦୁଇଜଣଙ୍କ ଉପରେ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଓ ଆହତଙ୍କ ପରିଚୟ ଜଣାପଡିନାହିଁ। ତେବେ ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ଲୋକଙ୍କ ସହାୟତରେ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ ସହ ବାଇକ ଓ ମୋବାଇଲ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ସିଆର୍‌ପିରୁ ବାଇକ ଯୋଗେ ୨ଜଣ ବ୍ୟକ୍ତି ରାତି ପାଖାପାଖି ସାଢେ ୧୦ଟାରେ ଖଣ୍ଡଗିରି ଯାଉଥିବା ବେଳେ ବରମୁଣ୍ଡା ପଡିଆ ନିକଟରେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ରକ ଉଭୟଙ୍କ ଉପରେ ମାଡି ଯାଇଥିଲା।

## ମା' କଟକ ଚଣ୍ଡୀଙ୍କୁ ଦର୍ଶନ କଲେ ବାଚସ୍ପତି ସୁରମା ପାଢ଼ୀ



କଟକ ଚଣ୍ଡୀ ମନ୍ଦିର ସମ୍ମୁଖରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟମାନେ।

କଟକ,୩୦।୬(ଶିଳ୍ପା ପ୍ରିୟଦର୍ଶିନୀ)

ବାଚସ୍ପତି ସୁରମା ପାଢ଼ୀ ରବିବାର କଟକ ଗସ୍ତ କରି ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ ୧୧ଟାରେ କଡ଼ା ସୁରକ୍ଷା ବଳୟରେ ସେ ମନ୍ଦିରରେ ପହଞ୍ଚିଥିଲେ। ଏହି ଅବସରରେ ସେ କହିଛନ୍ତି, କଟକର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ। ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କଟକ ଆସି ପ୍ରଥମଥର ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ଲାଭ କରିଛି। ସମସ୍ତ କାର୍ଯ୍ୟ ଭଲରେ ହେବା ସହ ବିଶ୍ୱର କଲ୍ୟାଣ ପାଇଁ ମା'ଙ୍କୁ ଜଣାଇଛି ବୋଲି ପାଢ଼ୀ କହିଛନ୍ତି। ବାଚସ୍ପତିଙ୍କ ଗସ୍ତ ପାଇଁ ମନ୍ଦିର ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ମୁଖ୍ୟ ପୂଜକ ମନୋଜ ପଣ୍ଡା, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ।

## ଝିଅ, ପୁଅଙ୍କୁ ବଞ୍ଚାଇବାକୁ ଯାଇ ମା'ଙ୍କ ଜୀବନ ଗଲା

ମଙ୍ଗୁଳି-ଜଗତପୁର,୩୦।୬ (ମାନସ ସାମଲ)




କ୍ଷତିପୂରଣ ଦାବିରେ ମୃତଦେହ ରଖି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଛନ୍ତି।

- ଧକ୍କା ଦେଇ ଖାଲରେ ପଶିଗଲା ପିକ୍‌ଅପ୍ ଭ୍ୟାନ୍
- କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

କଟକ ଜିଲା ଟାଙ୍ଗୀ ଥାନା ଅଧୀନ କପିଳାସ ରୋଡ୍‌ର ଭଗତପୁର ଛକସ୍ଥିତ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୩୪ପି-୬୩୧୦) ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ଝିଅ ଓ ପୁଅ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତ ମହିଳା ହେଲେ ଭଗତପୁର ଗ୍ରାମର ସୁପ୍ରିମ ବାଈଙ୍କ ସ୍ତ୍ରୀ ସୁନୀତା ବାଈ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୪ଟାରେ ଝିଅ ଓ ପୁଅଙ୍କ ସହିତ ସୁନୀତା ପରିବା ଆଣିବା ପାଇଁ ପାଖ ବଜାରକୁ ଯାଇଥିଲେ। ପରିବା କିଣିବା ପରେ ସେମାନେ ଚାଲି ଚାଲି ଘରକୁ ଫେରୁଥିଲେ। ହଠାତ୍ ସମ୍ମୁଖରୁ ଏକ ପିକ୍‌ଅପ୍ ଭ୍ୟାନ୍ ସୁନୀତାଙ୍କ ଝିଅ, ପୁଅ ଆଡକୁ ମାଡି ଆସିଥିଲା। ଦୁର୍ଘଟଣାରୁ ବଞ୍ଚାଇବା ପାଇଁ ସୁନୀତା ସେମାନଙ୍କୁ ରାସ୍ତାପାର୍ଶ୍ୱକୁ ଟାଣି ଆଣିଥିଲେ। ହେଲେ ଏହି ସମୟରେ ପିକ୍‌ଅପ୍ ଭ୍ୟାନ୍ ସୁନୀତାଙ୍କୁ ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଦ୍ରୁତ ଗତିରେ ପିକ୍‌ଅପ୍ ଭ୍ୟାନ୍ ପଳାଇ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ଖାଲ ମଧ୍ୟରେ ପଶି ଯାଇଥିଲା। ଦୁର୍ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକମାନେ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଟାଙ୍ଗୀ ପୋଲିସ ଓ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୃତକଙ୍କ ପରିବାର ଭୂମିହୀନ ହୋଇଥିବାରୁ ଆସନ୍ତା ୧ ମାସ ମଧ୍ୟରେ ତହସିଲ ପ୍ରଶାସନ ପକ୍ଷରୁ ୪ ଡିସିମିଲି ଜମି ଯୋଗାଇ ଦେବା ପାଇଁ ତହସିଲଦାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌ର ଚାଳକଙ୍କୁ ପୋଲିସ ଅଟକ ରଖିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ବ୍ୟାଙ୍କ କାର୍ଯ୍ୟାଳୟରୁ ଇନ୍‌ଭର୍ଟର ବ୍ୟାଟେରି ଚୋରି

ସାଲେପୁର,୩୦।୬(ଅରବିନ୍ଦ ଭୂୟାଁ):

ସାଲେପୁର ବ୍ଲକ ରାଇସୁଙ୍ଗୁଡ଼ାସ୍ଥିତ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରୀଲ୍ ଭାଙ୍ଗି ଶନିବାର ରାତିରେ ଇନ୍‌ଭର୍ଟର ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାହକ ସେବା ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ୍ ନ ଥିବା ସମୟରେ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟାଙ୍କ୍‌କୁ ଆସୁଥିବା ଗ୍ରାହକମାନେ ଏନେଇ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସାଲେପୁର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ସାଲେପୁର,୩୦।୬(ଅରବିନ୍ଦ ଭୂୟାଁ):



ପୂର୍ବତନ ସରପଞ୍ଚ ଅରବିନ୍ଦ ବିଶ୍ୱାଳ (୫୭)ଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ସେ ସାଲେପୁର ବ୍ଲକ ଅନ୍ତର୍ଗତ ତରିତୋ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ସେ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିବା ସହ ଜିଲା ଆଥ୍‌ଲେଟିକ୍ କ୍ଲବର ସମ୍ପାଦକ ଥିଲେ। ପଞ୍ଚାୟତ ଲୋକମାନଙ୍କର ସମସ୍ୟାଗୁଡିକୁ ସରକାରଙ୍କ ପାଖରେ ଉପସ୍ଥାପନ କରି ସେ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ଉଦ୍ୟମ କରୁଥିଲେ। ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ ବେହେରା, ସମ୍ରାଟ କେଶରୀ ଲେଙ୍କା, ଲୋଲୁପ କୁମାର ବିଶ୍ୱାଳ, ଆଜମଲ ଖାଁ ପ୍ରମୁଖ ଶୋକବ୍ୟକ୍ତ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ରାହୁଲ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

### ୨ ପୁସ୍ତକ ଲୋକାର୍ପଣ

ବାଙ୍କୀ ୩୦।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ମାସିକ ସାହିତ୍ୟ ଆସର ଆନୁକୁଲ୍ୟରେ ପ୍ରେସକ୍ଲବଠାରେ ରବିବାର ନାରୀ କବି ନମିତା ନାୟକଙ୍କ ୨ ପୁସ୍ତକ 'ଭକ୍ତିଶତଦଳ' ଓ 'କସ୍ତୁରୀ ମୃଗ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି କୌଶିକ ନାୟକ ଯୋଗଦେଇ ନାରୀ କବିଙ୍କ ପୁସ୍ତକ ଦ୍ୱୟକୁ ସମୀକ୍ଷା କରିବା ସହ ଏହା ଜନସାଧାରଣରେ ଆଦୃତ ପାଇବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି ପୁସ୍ତକ ବାଙ୍କୀ ସାହିତ୍ୟ ଜଗତରେ ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ନାରୀ କବି ବିଦ୍ୟୁଲତା ଭୂୟାଁ ଓ କବି ବିପ୍ଳବ ଯୋଗଦେଇଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁସ୍ତକ ଦ୍ୱୟର ରଚୟିତା ନାରୀକବି ନାୟକ ତାଙ୍କ ସଂଘର୍ଷ ଜୀବନ ଭିତରେ କିପରି ପୁସ୍ତକ ରଚନା କରିଛନ୍ତି,ସେବିଷୟରେ ଆଲୋକପାତ କରିଥିଲେ। କବି ଭଗବାନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ନବନିର୍ମିତ ସଂଯୋଗୀକରଣ ରାସ୍ତା ଭୁଶୁଡ଼ିଲା

- ବିପଦସଙ୍କୁଳ ଅବସ୍ଥାରେ ନବନିର୍ମିତ ସେତୁ
- ୩ମାସ ତଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା
- ୧୭ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା

ନିଶ୍ଚିନ୍ତକୋଇଲି, ୩୦।୬
(ଅଶୋକ କୁମାର ମହାପାତ୍ର):



ସଂଯୋଗୀକରଣ ରାସ୍ତା ଭୁଶୁଡ଼ି ପଡିଛି।

ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ରହଂସଠାରେ ୩ ମାସ ପୂର୍ବେ ସେତୁ ଓ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ଥିଲା। ଏଥିପାଇଁ ୧୭ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଏବେ ଏହା ଭୁଶୁଡ଼ି ପଡିଛି। ଫଳରେ ନିକଟରେ ଥିବା ସେତୁ ବିପଦସଙ୍କୁଳ ହୋଇ ପଡିଛି। ନିର୍ମାଣ ଶେଷ ହେବାର ମାତ୍ର ୩ ମାସ ନ ପୂରୁଣୁ ଏହି ରାସ୍ତା ଭୁଶୁଡ଼ିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ କରିବାକୁ ଦାବି ହୋଇଛି।

ସାନ୍ତପୁର ଗ୍ରାମପଞ୍ଚାୟତ ରହଂସ ଠାରେ ଉଦ୍‌ବୃତ୍ତ ଜଳ ଚିତ୍ରୋତ୍ପଳା ନଦୀକୁ ନିଷ୍କାସନ କରାଯିବା ନିମନ୍ତେ ସ୍ଥାନୀୟ ପାଟନାଳୀ ଉପରେ ଜଗତପୁର ନର୍ଥ ଡିଭିଜନ ଜଳ ସମ୍ପଦ ବିଭାଗ ତରଫରୁ ଏକ ସେତୁ ଓ ସଂଯୋଗୀକରଣ ରାସ୍ତା ନିର୍ମାଣ ନିମନ୍ତେ ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ ହୋଇଥିଲା। ତେବେ ଏହି ସଂଯୋଗୀକରଣ ରାସ୍ତା ଓ ସେତୁ ସମ୍ପର୍କରେ କୌଣସି ସୂଚନାଫଳକ ଦିଆ ନ ଯାଇ ଲୋକଙ୍କୁ ଅନ୍ଧାରଘେରରେ ରଖାଯାଇଥିଲା। ଠିକାଦାର ମାତ୍ର ୩ମାସ ତଳେ ଏହି ନିର୍ମାଣ କାର୍ଯ୍ୟ କରିଥିଲେ। ଅଟକଳ ଅନୁଯାୟୀ ନିର୍ମାଣ କାର୍ଯ୍ୟ କରାଯାଇ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ମାତ୍ର ଅଳ୍ପ ଦିନ ପରେ ଏହି ସଂଯୋଗୀକରଣ ରାସ୍ତା ଭୁଶୁଡି ପଡ଼ିଥିବା ସେମାନେ କହିଛନ୍ତି। ଏହି ସଂଯୋଗୀକରଣ ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳର ଲୋକେ ଏବଂ ସ୍କୁଲ, କଲେଜ ଛାତ୍ରୀଛାତ୍ର ନିର୍ଭରଶୀଳ। ତେବେ ସଂଯୋଗୀକରଣ ରାସ୍ତା ଭୁଶୁଡି ପଡ଼ିବା ଯୋଗୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏବେ କୌଣସି ମୁହୂର୍ତ୍ତରେ ଏହି ସେତୁ ଭୁଶୁଡିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏହି କାର୍ଯ୍ୟ ଡ୍ରେନେଜ ବିଭାଗ ତରଫରୁ କରାଯିବା ପରିବର୍ତ୍ତେ ସମସ୍ତ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରାଯାଇ ଜଳ ସମ୍ପଦ ବିଭାଗ ତରଫରୁ କିପରି କରାଗଲା ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଥିରେ ବଡ଼ଧରଣର ଦୁର୍ନୀତି କରାଯାଇଥିବା ସାଧାରଣରେ କୁହାଯାଉଛି। ଏହି କାର୍ଯ୍ୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ, ଠିକାଦାରଙ୍କ ସହ ଅସାଧୁ ମେଣ୍ଟ ଥିବା ଚର୍ଚ୍ଚା ହେଉଛି। ଜଳ ସମ୍ପଦ ବିଭାଗ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଆଗାମୀ ଦିନରେ ଏଠାରେ ଏକ ବଡ ଧରଣର ଅଘଟଣ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ଏ ସମ୍ପର୍କରେ ପୂର୍ବତନ ଜଳସମ୍ପଦ ବିଭାଗ ଯନ୍ତ୍ରୀ ମହେନ୍ଦ୍ର ସାହୁ କୁହନ୍ତି, ଆବଶ୍ୟକତା ଦୃଷ୍ଟିରୁ ପୋଲ ଓ ଆପ୍ରୋଚ ରୋଡ ନିର୍ମାଣ କରାଯାଇଥିଲା। ଆପ୍ରୋଚ ରୋଡ ମାଟିରେ ତିଆରି ହୋଇଥିବାରୁ ବର୍ଷାରେ ଧୋଇ ହୋଇଯାଇଛି। ଏହାର ପୁନରୁଦ୍ଧାର କରାଯିବ। ଏ ସମ୍ପର୍କରେ ବିଭାଗର ପୁନ୍ଦାଳ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକଙ୍କ ସହ ମୋବାଇଲ ଫୋନ୍‌ରେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ମେଧା ଛାତ୍ରୀଛାତ୍ରଙ୍କୁ ମିଳିବ ଲାପ୍‌ଟପ୍

## ଶିକ୍ଷାଜ୍ୟୋତି ସମ୍ମାନ-୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ

ଆଠଗଡ଼,୩୦।୬ (ସତ୍ୟ ପ୍ରସାଦ ରଥ)

ଫୋରମ ଅଫ ଏକାଡେମିକ୍ସ ପକ୍ଷରୁ ଆଠଗଡସ୍ଥିତ ବାସନ୍ତୀ ମଣ୍ଡପଠାରେ ଶିକ୍ଷାଜ୍ୟୋତି ସମ୍ମାନ-୨୦୨୪ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପ୍ରଫେସର ଡ. ରାମ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ଯୋଗଦେଇ ଚଳିତ ବର୍ଷ ହାଇସ୍କୁଲ ପରୀକ୍ଷାର ଫଳ ଆଶାଜନକ ହୋଇ ନ ଥିବାରୁ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଠଗଡ-ଟିଗିରିଆ ନିର୍ବାଚନମଣ୍ଡଳୀରେ ଥିବା ବିଦ୍ୟାଳୟଗୁଡ଼ିକ ଶିକ୍ଷାରେ ଯେଭଳି ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ସେନେଇ ଉଦ୍ୟମ କରିବାକୁ ସେ ଉପସ୍ଥିତ ପ୍ରଧାନ ଶିକ୍ଷକ ମାନଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତା ଜୁଲାଇ ୧୪ ଏବଂ ୧୫ରେ ଚଳିତ ବର୍ଷର ଶିକ୍ଷାଜ୍ୟୋତି ସମ୍ମାନ ପର୍ବ ପାଳନ କରିବାକୁ ଏହି ଅବସରରେ ଘୋଷଣା କରାଯାଇଥିଲା। ଏକାଡେମିକ୍ସର ସଂଯୋଜକ ଲଳିତ ମୋହନ ନାୟକ ବୈଠକକୁ ସଂଯୋଜନା କରିଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରତିବର୍ଷ ପରି ଅନୁରୂପ ଭାବେ ଚଳିତ ବର୍ଷ ମଧ୍ୟ ନିର୍ବାଚନ ମଣ୍ଡଳୀର ସରକାରୀ ହାଇସ୍କୁଲ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ୧୨ ଜଣ ଛାତ୍ରୀଛାତ୍ର ଏବଂ ବେସରକାରୀ ସ୍ତରରେ ୧୦ ଛାତ୍ରୀଛାତ୍ରଙ୍କ ସହ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମରେ ପ୍ରଥମ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ର, ଯୁକ୍ତ ୩ରେ କଳା, ବିଜ୍ଞାନ, ବାଣିଜ୍ୟରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ଦିଆଯାଇ ସମ୍ମାନିତ କରାଯିବ। ନିର୍ବାଚନମଣ୍ଡଳୀରେ ଥିବା ମେଧାବୀମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେବା ଏକାଡେମିକ୍ସର ମୂଳ ଲକ୍ଷ୍ୟ ବୋଲି ନାୟକ କହିଥିଲେ। ଏହି ପରିପ୍ରେକ୍ଷିରେ ପ୍ରତି ବିଦ୍ୟାଳୟସ୍ତରରେ ଓଡ଼ିଆ ଓ ଇଂଲିଶ୍ ବକ୍ତୃତା, ସାଧାରଣ ଜ୍ଞାନ, କଳାନୈପୁଣ୍ୟତା, ସାଂସ୍କୃତିକ (ଦଳଗତ ନାଚ) ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଠଗଡ ବ୍ଲକ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ ଏବଂ ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ପ୍ରିୟରଞ୍ଜନ ହୋତା ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଏହାଦ୍ୱାରା ପିଲାଙ୍କ ମନରେ ପ୍ରତିଯୋଗିତା ମନୋଭାବ ସୃଷ୍ଟିହେବ ବୋଲି ସେ ମତବ୍ୟକ୍ତ କରିଥଲେ।




ପ୍ରସ୍ତୁତି ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ଏବଂ ଅନ୍ୟମାନେ।

# 'ଆଧ୍ୟାତ୍ମିକତା ମଣିଷକୁ ଉଚିତ୍ ମାର୍ଗରେ ପରିଚାଳିତ କରେ'



ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଜୟନ୍ତୀ ଓ ବୈଷ୍ଣବ ସମ୍ମିଳନୀକୁ ବାଚସ୍ପତି ସୁରମା ପାଢ଼ୀ ଉଦ୍‌ଘାଟନ କରୁଛନ୍ତି।

କଟକ,୩୦।୬(କାର୍ତ୍ତିକ ସାହୁ)

ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ ତମ ଜୟନ୍ତୀ ଓ ବିଶାଳ ବୈଷ୍ଣବ ସମ୍ମିଳନୀ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଆଧ୍ୟାତ୍ମିକତା ମଣିଷକୁ ଉଚିତ୍ ମାର୍ଗରେ ପରିଚାଳିତ କରେ। ଏଥିରେ ଗୌଡ଼ିୟ ମିଶନ୍‌ର ସଭାପତି ତଥା ଆଚାର୍ଯ୍ୟ ଭକ୍ତିସୁନ୍ଦର ସନ୍ୟାସୀ ମହାରାଜ ଅଧ୍ୟକ୍ଷତା କରିଥିଲେ। ବମ୍ବେ ଗୌଡ଼ୀୟ ମଠର ଅଧୀକ୍ଷକ ଭକ୍ତି ବୈଭବ ପର୍ଯ୍ୟଟକ ମହାରାଜ, ପୁରୀ କୃଷ୍ଣ ଚୈତନ୍ୟ ମିଶନ୍‌ର ସମ୍ପାଦକ ଭକ୍ତି ବିବେକ ମଧୁସୂଦନ ମହାରାଜ, ଭଦ୍ରକ ଧାମନଗରର ଶ୍ରୀରାଧାମୋହନ ଗୌଡ଼ୀୟ ମଠର ଆଚାର୍ଯ୍ୟ ଭକ୍ତି ରକ୍ଷକ ତ୍ରିବିକ୍ରମ ମହାରାଜ, ଆଠଗଡ଼ ଶ୍ରୀଲ ଧାମ ଆଚାର୍ଯ୍ୟ ଯଶୋଦାନନ୍ଦନ ଦାସ, ପୁରୀ ଶ୍ରୀପୁରୁଷୋତ୍ତମ ମଠର ଅଧୀକ୍ଷକ ଭକ୍ତି ସୁରଙ୍ଗ ଶାନ୍ତା ମହାର, ପୁରୀ ଶ୍ରୀଚୈତନ୍ୟ ଆଶ୍ରମର ସମ୍ପାଦକ ଭକ୍ତି ବଲ୍ଲଭ ଆଚାର୍ଯ୍ୟ ମହାରାଜ, ପୁରୀ ଶ୍ରୀଚୈତନ୍ୟ ଚନ୍ଦ୍ରାଶ୍ରମର ଭକ୍ତି ବିଜ୍ଞାନ ଅକିଞ୍ଚନ ମହାରାଜ, କଟକ ସଚ୍ଚିଦାନନ୍ଦ ମଠର ଅଧୀକ୍ଷକ ଭକ୍ତି ଆଶୟା ଅକିଞ୍ଚନ ମହାରାଜ, ବୃନ୍ଦାବନ ଶ୍ରୀକୃଷ୍ଣ ଚୈତନ୍ୟ ମଠର ଅଧୀକ୍ଷକ ଭକ୍ତି ଭାସ୍କର ଭାରତୀ ମହାରାଜ, ସିଲିଗୁଡ଼ି ଗୌଡ଼ୀୟ ମଠର ଅଧୀକ୍ଷକ ଭକ୍ତି ସବଳ ସ୍ୱାମୀ ମହାରାଜ ଓ ଭଦ୍ରକରୁ ଧର୍ମଯାଜକ ସଂଗ୍ରାମ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଶ୍ରୀଳ ପ୍ରଭୁପାଦଙ୍କ ଗୁଣକୀର୍ତ୍ତନ କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ବହୁସଂଖ୍ୟକ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବ୍ୟାଙ୍କ ପରିଚାଳକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆଠଗଡ଼,୩୦।୬(ସତ୍ୟ ପ୍ରସାଦ ରଥ)

ଆଠଗଡ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଲକ୍ଷ୍ମୀଧର ପଣ୍ଡାଙ୍କୁ ବ୍ୟାଙ୍କ କର୍ମଚାରୀ, ବିଭିନ୍ନ ସେବା ସମବାୟ ସମିତିଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରସନ୍ନ କୁମାର ସ୍ୱାଇଁ, ଅବସରପ୍ରାପ୍ତ ସମବାୟ ସମ୍ପ୍ରସାରଣ ଅଧିକାରୀ ହାଡିବନ୍ଧୁ ରଣା, ବରିଷ୍ଠ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ବିଷ୍ଣୁ ଚରଣ ଲେଙ୍କା ପ୍ରମୁଖ ଯୋଗଦେଇ ଲକ୍ଷ୍ମୀଧରଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ।

### ଦକ୍ଷତା ବିକାଶ ପ୍ରଶିକ୍ଷଣ ଉଦ୍‌ଯାପିତ

ବାଙ୍କୀ,୩୦।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର ଯୁବଭବନ ପରିସରରେ ୩ ମାସ ଧରି ଚାଲିଥିବା ବୈଦ୍ୟୁତିକ ଓ କମ୍ପ୍ୟୁଟର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ଉଦ୍ୟୋଗ ମନ୍ତ୍ରଣାଳୟ ଦ୍ୱାରା ଆତ୍ମନିଯୁକ୍ତି ଯୋଜନାରେ ଗ୍ରାମୀଣ ଯୁବତୀଯୁବକମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଚାଲିଥିଲା। କଟକ ଜନଶିକ୍ଷଣ ସଙ୍ଗଠନ ସଂସ୍ଥାର ନିର୍ଦ୍ଦେଶିକା ଅନିମା ଦାଶ ଓ ପରିଚାଳନା ଅଧିକାରୀ ସସ୍ମିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଲଲାଟେନ୍ଦୁ ପଣ୍ଡା ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୁବ ସାମାଜିକକର୍ମୀ ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରଶିକ୍ଷଣ ଦ୍ୱାରା ଯୁବତୀଯୁବକମାନେ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ୨୦ଜଣ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ ।

### ବିଧାୟକଙ୍କୁ ସମ୍ବର୍ଦ୍ଧିତ କଲେ ପଞ୍ଚାୟତ ବିଜେଡି କର୍ମକର୍ତ୍ତା

ବାଙ୍କୀ, ୩୦।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ବିଜେଡି ପକ୍ଷରୁ ପଶ୍ଚିମ ବାଙ୍କୀ ୧୩ଗ୍ରାମ ପଞ୍ଚାୟତ କର୍ମକର୍ତ୍ତା ନବନିର୍ବାଚିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ସୋମବାର ସମ୍ବର୍ଦ୍ଧନା ଦେଇଛନ୍ତି। ବାଙ୍କୀ ବିଜେଡି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅନନ୍ତଚରଣ ଦାଶ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଜିଲା ପରିଷଦ ସଭ୍ୟା ରଶ୍ମିତା ସାହୁ, ସଞ୍ଜୟ ପାତ୍ର, ବିଜେଡି ସଭାପତି ସୁବାସଚନ୍ଦ୍ର ସ୍ୱାଇଁ, କେନ୍ଦୁପଲ୍ଲୀ ସରପଞ୍ଚ ପ୍ରଦ୍ୟୁମ୍ନ ସୁବୁଦ୍ଧି, ଉପସଭାପତି ବିଜନ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସିଂହ, ବରପୁଟ ସରପଞ୍ଚ ଅଶୋକ କୁମାର ମିଶ୍ର, ଚକ୍ରଧର ସାହୁ ପ୍ରମୁଖ ଯୋଗଦେଇ ବିଧାୟକ ଦେବୀରଞ୍ଜନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏସବୁ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି,ନେତୃମଣ୍ଡଳୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ବାଙ୍କୀ ବ୍ଲକ ସରଣ୍ଡା ଜୋନ ୭ଟିପଞ୍ଚାୟତର ବିଜେଡି କର୍ମକର୍ତ୍ତା ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସରଣ୍ଡା ଉନ୍ନୟନ ପରିଷଦ ସଭାପତି ଗତିକୃଷ୍ଣ ସ୍ୱାଇଁ ସଭାପତିତ୍ୱ କରିଥିଲେ।




ବାଙ୍କୀ ବ୍ଲକ ବିଜେଡି ପକ୍ଷରୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଗାଁ ସାଥୀ ସଂଘର କର୍ମକର୍ତ୍ତା ଚୟନ : ଗୁରୁତ୍ୱପୂର୍ଣ୍ଣ ବୈଠକ

ସାଲେପୁର,୩୦।୬
(ଅରବିନ୍ଦ ଭୂୟାଁ)




ବୈଠକରେ ଯୋଗଦେଇଥିବା ଗାଁ ସାଥୀ ସଂଘର ସଦସ୍ୟା, ସଦସ୍ୟମାନେ।

ସାଲେପୁର ବ୍ଲକ୍ ଗାଁ ସାଥୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବିଶେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଅଶୋକ କୁମାର ଜେନା, ଉପସଭାପତି ଅଶୋକ ଦାସ, ସଂଯୁକ୍ତା ସେଠୀ, ସମ୍ପାଦକ ପ୍ରଶାନ୍ତ ସେଠୀ, ସହସମ୍ପାଦକ ପତିତପାବନ ବାରିକ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଉପକୋଷାଧ୍ୟକ୍ଷ ଚିତ୍ରସେନ ପରିଡ଼ା, ସାଙ୍ଗଠନିକ ସମ୍ପାଦକ ନନ୍ଦକିଶୋର ବେହେରା ଓ ସଂଘର କୋର କମିଟି ମେମ୍ବର ଭାବେ ସୁନିଲ ସାହୁ, ନାରାୟଣ ସାହୁ, ଦିବ୍ୟରଂଜନ ବେହେରା, ସୁଶାନ୍ତ ପ୍ରଧାନ, ସସ୍ମିତା ସାମଲ, ମୁସ୍‌ଲିମ ସାହା, ପ୍ରଶାନ୍ତ ମଲ୍ଲିକ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଗାଁ ସାଥୀମାନଙ୍କୁ ପ୍ରଶାସନ ପକ୍ଷରୁ ମାସିକ ୧୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା, ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.ରେ ସମସ୍ତ କାର୍ଯ୍ୟାଦେଶ ଗାଁ ସାଥୀଙ୍କ ନାମରେ କରିବା, ପଞ୍ଚାୟତରେ ବେଆଇନ ଗାଁ ସାଥୀ ଚୟନ ରଦ୍ଦ କରିବା, ପଞ୍ଚାୟତିରାଜ ବିଭାଗ ଚିଠି ନଂ.୨୩୭୫୩, ଅନୁଯାୟୀ ପ୍ରତ୍ୟେକ ଗାଁ ସାଥୀଙ୍କୁ ପର୍ଯ୍ୟାପ୍ତ ପରିମାଣର କାର୍ଯ୍ୟ ଯୋଗାଇ ଦେବାକୁ ଆଲୋଚନା ହୋଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର

ବାଙ୍କୀ,୩୦।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ବନ୍ଧାଳନ ପଞ୍ଚାୟତସ୍ଥିତ ବିବେକାନନ୍ଦ କ୍ଲବରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୩୬ ନଂ.ଜୋନ ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। କଟକ ଅବ୍ରାନ୍ ଆଇକେୟାର ହସ୍ପିଟାଲର ଡା. ମହମ୍ମଦ ଜାଭେଦ, କ୍ୟାମ୍ପ ପରିଚାଳକ ଚନ୍ଦ୍ରରାଜ ଭଟ୍ଟ ଓ ଟେକ୍ନିସିଆନ ଯୋଗଦେଇ ୩୦ରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରପ୍ରଚାର ନିମନ୍ତେ କଟକ ଅର୍ବାନ ଆଇହସ୍ପିଟାଲକୁ ପଠାଯାଇଥିଲା। କାର୍ଯ୍ୟକ୍ରମରେ ବିକାଶ ଚନ୍ଦ୍ର ସାହୁ, ସରୋଜ କୁମାର ବେହେରା, ବିଶ୍ୱନାଥ ଦାଶ, ଶ୍ରୀଧର ବେହେରା, ବିରଞ୍ଚି ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଶୁଭେନ୍ଦୁ କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଗୋ-ଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ ପ୍ରଶିକ୍ଷଣ ଜରୁରୀ

ନିଶ୍ଚିନ୍ତକୋଇଲି,୩୦।୬
(ଅଶୋକ କୁମାର ମହାପାତ୍ର)




ସମୀକ୍ଷା ବୈଠକରେ ବିଧାୟକ ସାରଦା ପ୍ରଧାନ ଏବଂ ଅନ୍ୟ ଅଧିକାରୀମାନେ।

ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ନିଶ୍ଚିନ୍ତକୋଇଲି ମୁଖ୍ୟ ପ୍ରାଣୀ ଚିକିତ୍ସାକେନ୍ଦ୍ର ରବିବାର ପରିଦର୍ଶନ କରିବା ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଗୋ ଚାଷୀମାନଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଆର୍ଥିକ କ୍ଷେତ୍ରରେ ସେମାନଙ୍କ ବିକାଶ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଗୋଚାଷୀମାନଙ୍କୁ ପ୍ରଶିକ୍ଷିତ କରାଯାଇ ସେମାନଙ୍କ ଦକ୍ଷତା ବିକାଶ କରାଯିବ। ବ୍ୟାଙ୍କ ସହାୟତାରେ ଋଣ ପ୍ରଦାନ କରି ଗୋଚାଷକୁ ଅଧିକ କ୍ରୀୟାଶୀଳ କରାଯିବ। ଆଗାମୀ ଦିନରେ ୧୦୦ ଜଣ ଗୋ ଚାଷୀଙ୍କୁ ଲକ୍ଷପତି କରାଇବା ପାଇଁ ସମୀକ୍ଷାରେ ଆଲୋଚନା କରାଯାଇଛି। ଏବେ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୦ଟି ଏଲ୍‌ଆଇ ପଦବୀ ଥିଲା ବେଳେ ୧୨ଟି ଖାଲିପଡିଛି। ଏଥିସହ ୨ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ଖୁବ୍‌ଶୀଘ୍ର ବ୍ଲକ ଅଧୀନରେ ଥିବା ବିଭିନ୍ନ ଗୋ ଚିକିତ୍ସା କେନ୍ଦ୍ରର ଭିତ୍ତିଭୂମିର ବିକାଶ କରାଯିବା ସହ ଆବଶ୍ୟକ କର୍ମଚାରୀ ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନଙ୍କୁ ଉଚିତ୍ ମାର୍ଗ ଦର୍ଶନ ଓ ଗୋ ସେବା ଉପରେ କର୍ମଚାରୀମାନେ ଗୁରୁତ୍ୱ ଦେବାକୁ ସେ ମତ ରଖିଥିଲେ। ଏହି ସମୀକ୍ଷା ବୈଠକରେ ବିଭିଓ ପ୍ରକାଶ କୁମାର ବେଉରା,ଏଲ୍‌ଆଇ ସନାତନ ବେଉରା, ସଉତାଂଶୁ ଶେଖର ମହାପାତ୍ର, ଚକ୍ରଧର ମଲିକ, ବିଜୟ ବେହେରା, ଅମିତ ସାହୁଙ୍କ ସମେତ ବହୁ କର୍ମଚାରୀ ଓ ଗୋଚାଷୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଆଜିଠୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ): ଅଭିଯୋଗ ଶୁଣାଣି ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳଙ୍କ ଜନଶୁଣାଣି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋମବାର ଜିଲାର ପ୍ରଥମ ଶୁଣାଣି ପୂର୍ବପରି ଖୋର୍ଦ୍ଧା ବ୍ଲକରେ ରହିଛି। ପୂର୍ବାହ୍ଣ ୧୦ଟା ୩୦ ଶୁଣାଣି ସମୟ ଧାର୍ଯ୍ୟ କରାଯାଇଛି। ମାସର ପ୍ରତ୍ୟେକ ସୋମବାର ବ୍ଲକସ୍ତରୀୟ ଶୁଣାଣି କରାଯିବ। ଏଥିଲାଗି ପ୍ରଶାସନ ପକ୍ଷରୁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଛି।

### ୨୮ଶହ ଲିଟର ପୋଚ ନଷ୍ଟ, ୧୬୦ ଲିଟର ଦେଶୀ ମଦ ଜବତ

ବେଗୁନିଆ,୩୦।୬(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବରପଦା କାଜୁ ଜଙ୍ଗଲରେ ମଦ ପ୍ରସ୍ତୁତ ହେଉଥିବା ଖବରପାଇ ଖୋର୍ଦ୍ଧା ସଦର ରେଞ୍ଜ ଅବକାରୀ ବିଭାଗ ନିରୀକ୍ଷକ ସନ୍ତୋଷ କୁମାର ସାହୁ ଏବଂ କର୍ମଚାରୀମାନେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ପୂର୍ବରୁ ମଦ ପ୍ରସ୍ତୁତ କରୁଥିବା ମାଫିଆମାନେ ଖସି ପଳାଇଥିଲେ। ଅବକାରୀ କର୍ମଚାରୀମାନେ ସେଠାରେ ଥିବା ୨ ହଜାର ୮ଶହ ଲିଟର ପୋଚ ନଷ୍ଟ କରିବା ସହ ୧୬୦ ଲିଟର ଦେଶୀ ମଦ ଏବଂ ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ। ତେବେ ଚଢ଼ାଉ ପୂର୍ବରୁ ମାଫିଆମାନେ କିପରି ଖବରପାଇ ଖସିଯିବାରେ ସକ୍ଷମ ହେଉଛନ୍ତି ତାହାକୁ ନେଇ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

### ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ବୋଲଗଡ଼/ ଧଳାପଥର, ୩୦।୬(ଦେବବ୍ରତ ହୋତା/ଗଙ୍ଗାଧର ସାହୁ): ଭାପୁରରୁ କୋଦୁଅବେରେଣୀକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତାର



କାଳିଗିରି ପୋଲ ନିକଟରେ ରବିବାର ଏକ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ହାଟପଦା ଗ୍ରାମର ଦେବାଶିଷ ସାହୁ(୩୦)। ସୂଚନା ମୁତାବକ, ଅପରାହ୍ଣରେ ଦେବାଶିଷ ବାଇକ୍ (ଓଡି ୩୩ ବି ୫୧୦୮)ରେ କଳାପଥର ଅଭିମୁଖେ ଯାଉଥିଲେ। ଏହି ସମୟରେ କାଳିଗିରି ପୋଲ ନିକଟରେ ବିପରୀତ ପଟୁ ଆସୁଥିବା ଏକ ହାଇୱା (ଓଡି ୨୫ ଏନ୍ ୧୨୨୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବାଙ୍କୋଇ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ଘଟଣାର ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି।

# କାମରେ ଆସୁନି ଭେଣ୍ଡିଂ ଜୋନ୍

■କଳଙ୍କି ଲାଗିଗଲାଣି ଦୋକାନ ଘର

■ଦୋକାନ ଘର ପାଇଥିବା ବ୍ୟବସାୟୀଙ୍କୁ ନୋଟିସ କରାଯିବ

ଜଟଣୀ,୩୦।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ନିର୍ମିତ ମା'ଦକ୍ଷିଣକାଳୀ ଭେଣ୍ଡିଂ ଜୋନ ଲୋକଙ୍କ କାମରେ ଆସୁନାହିଁ। ସହରର ବିଭିନ୍ନ ସ୍ଥାନରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଏକ ସ୍ଥାନରେ ଥଇଥାନ କରିବା ପାଇଁ ୨୦୨୧-୨୨ ମସିହାରେ ପୌରାଞ୍ଚଳ ୱାର୍ଡ ନମ୍ବର ୯ ଅନ୍ତର୍ଗତ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଏହି ଭେଣ୍ଡିଙ୍ଗ ଜୋନ ନିର୍ମାଣ କରାଯାଇଥିଲା। ୪୫ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ନିର୍ମାଣ କରାଯାଇଛି। ନିର୍ମାଣର ଦୀର୍ଘଦିନ ପରେ ଉକ୍ତ ଭେଣ୍ଡିଂ ଜୋନ କାର୍ଯ୍ୟକ୍ଷମ ହୋଇ ପାରିନଥିବା ବେଳେ ଉକ୍ତ ଅଞ୍ଚଳ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଦୋକାନ ଘରଗୁଡ଼ିକରେ କଳଙ୍କି ଲାଗିବ ସହିତ ଲଟାବୁଦାରେ ଦୋକାନ ଘରଗୁଡ଼ିକ ଅଚ୍ଛାଦିତ




ଦୋକାନ ଘର କଳିଙ୍କି ଲାଗିଗଲାଣି।

ହୋଇଗଲାଣି। ଅନ୍ୟପଟେ ଏହି ଭେଣ୍ଡିଂ ଜୋନରେ ଦୋକାନ ଘର ପାଇଥିବା ବ୍ୟବସାୟୀ ଏଠାକୁ ନ ଆସି ସହର ମୁଖ୍ୟ ରାସ୍ତାରେ ବ୍ୟସାୟ କରୁଥିବାରୁ ସୀତାରାମ ଛକଠାରୁ ବଡ଼ ବଜାର ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଉପୁଜୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏପରିକି ଆମ୍ବୁଲାନ୍ସ, ପିସିଆର ଏବଂ ଅଗ୍ନିଶମ ଗାଡ଼ି ଯାତାୟତ ବେଳେ ମଧ ସମସ୍ୟା ଦେଖାଦେଉଛି। ଏ ସମ୍ପର୍କରେ ପୌର ଅଧିକାରୀ ପାଟଯୋଶୀ କହିଛନ୍ତି, ଭେଣ୍ଡିଙ୍ଗ ଜୋନରେ ଥିବା ଦୋକାନ ଘରକୁ ଭଡ଼ାରେ ଦିଆଯାଇଛି। ଅନ୍ୟପଟେ ଜଟଣୀ ପୋରାଧକ୍ଷ ଅନନ୍ତ ବେହେରା କହିଛନ୍ତି, ମା'ଦକ୍ଷିଣକାଳୀ ଭେଣ୍ଡିଂ ଜୋନରେ ଦୋକାନ ଘର ପାଇଥିବା ବ୍ୟବସାୟୀଙ୍କୁ ସୋମବାର ନୋଟିସ କରାଯିବ। ୭ଦିନ ମଧ୍ୟରେ ଉକ୍ତ ଭେଣ୍ଡି ଜୋନରେ ବ୍ୟବସାୟ ନ କଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ।

## ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ପରିସରରେ ଇନରହୁଇଲ୍ କ୍ଲବ ଓ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମମତା ଦେ, ଇନରହୁଇଲ୍ କ୍ଲବ ସଭାପତି ମନ୍ଦିରା ଦେ ଏବଂ ମହାବିଦ୍ୟାଳୟ ଅଧକ୍ଷା ଡ. ବିଜୟଲକ୍ଷ୍ମୀ ଦାସ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ଚାରା ରୋପଣ ଜରୁରୀ ବୋଲି କହିଥିଲେ। ଜଙ୍ଗଲ ନଷ୍ଟ ଯୋଗୁ ଏହାର ପ୍ରଭାବ ଉଭୟ ଜୀବ ଓ ପ୍ରାଣୀଜଗତ ଉପରେ ପଡୁଛି। ବିଶ୍ୱ ତାପାୟନ ରୋକିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ଚାରା ରୋପଣ କରିବାକୁ ପରାମର୍ଶ ଦେବା ସହ ଏ ଦିଗରେ ସଚେତନ ପାଇଁ ଛାତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଜ ବାରି, ବଗିଚାରେ ଗୋଟିଏ ଗଛ ଲଗାଇ ନିଜ ସନ୍ତାନ ଭଳି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଦେବଦାରୁ, କରଞ୍ଜ, ପିଜୁଳି, ନିମ୍ବ, ଜାମୁ, କୃଷ୍ଣଚୂଡ଼ା ଆଦି ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନରହୁଇଲ୍ କ୍ଲବର ସଭ୍ୟା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ପ୍ରାଧାପିକା କବିତା ସ୍ୱାଇଁ, ସୋହାନି ଦାସ, ଅଧ୍ୟାପକ ଡ. ପ୍ରବୀଣ ମିଶ୍ର ଯୋଗଦେଇଥିଲେ।

## ଦୁର୍ନୀତି, ନିଶା ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ




ବୋଲଗଡ଼,୩୦।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡ଼କୁମାରୀ ପଞ୍ଚାୟତର ରାଜସୁନାଖଳାସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରବିବାର ଦୁର୍ନୀତିମୁକ୍ତ ଓ ନିଶାମୁକ୍ତ ଓଡ଼ିଶା କାର୍ଯ୍ୟକ୍ରମ ଆଶ୍ରମର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମୁଖ୍ୟ ରାଜ୍ୟ ଜଙ୍ଗଲ ବିଭାଗ ଅଧିକାରୀ ଦେବବ୍ରତ ସ୍ୱାଇଁ, ମୁଖ୍ୟବକ୍ତା ପୂର୍ବତନ ଅଧକ୍ଷ ହରିହର ଦାସ, ସମ୍ମାନିତ ଅତିଥି ବୋଲଗଡ଼ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ପରିଡ଼ା, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଚ୍ଛମନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ରାଜଯୋଗିନୀ ବ୍ରହ୍ମକୁମାରୀ ରଶ୍ମିତା ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶିବବାବାଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ଦୁର୍ନୀତିମୁକ୍ତ ଏବଂ ନିଶାମୁକ୍ତ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି ମୁଖ୍ୟ ଅତିଥି ସ୍ୱାଇଁ କହିଥିଲେ। ସଚେତନ ହେଲେ ସମାଜରୁ ଦୁର୍ନୀତି ଓ ନିଶା ମୁକ୍ତ ହୋଇପାରିବ। ଶେଷରେ ବ୍ରହ୍ମକୁମାର ଦୁର୍ଗା ଧନ୍ୟବାଦ ଦେଇଥିଲେ।

## ଭାଜପାର ସାଧାରଣ ସଭା

ବେଗୁନିଆ,୩୦।୬(ସନ୍ଧ୍ୟାରାଣୀ ମିଶ୍ର)

କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ଗଠନ କରିବା ଅବସରରେ ବେଗୁନିଆ-ବୋଲଗଡ଼ ଭାଜପା ପକ୍ଷରୁ ବେଗୁନିଆ ପୂର୍ବତନ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥାଙ୍କ ଆବାହକତ୍ୱରେ ସିମୋର ପଞ୍ଚୁଦୋଳ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ପୂର୍ବତନ ଉପସଭାପତି ରୁଦ୍ରନାରାୟଣ ବାହିନୀପତି, ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁବାସ ମିଶ୍ର ଯୋଗଦେଇ ବିକଶିତ ଓଡ଼ିଶା ଗଠନ ଆମର ସଙ୍କଳ୍ପକୁ ନେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମନୋରଞ୍ଜନ ସାହୁ, ରଶ୍ମିରଞ୍ଜନ ଜେନା, ପ୍ରଫୁଲ୍ଲ କୁମାର ଖାଡ଼ଙ୍ଗା, ପ୍ରଫୁଲ୍ଲ କୁମାର ପଣ୍ଡା, ଦୟାନିଧି ବେହେରା, ଧନେଶ୍ୱର ପ୍ରଧାନ, ପ୍ରଦୀପ କୁମାର ମହାଭୋଇ, ଅରକ୍ଷିତ ସାମଲ, ରଞ୍ଜନ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିପିନ ବିହାରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

ଖୋର୍ଦ୍ଧା,୩୦।୬(ପ୍ରଭାତ ପାଣିଗ୍ରାହୀ)

ପୋଖରୀରେ ବୁଡ଼ିଯିବାରୁ ରବିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ଜେମାଦେଇ ହାଉସିଂବୋର୍ଡ କଲୋନୀ ଅଞ୍ଚଳର ସୁଶାନ୍ତ ରାଉତରାୟଙ୍କ ପୁଅ ସୁନୀଲ(୧୪)। ସୂଚନା ମୁତାବକ, ମା'ବାପା କୌଣସି କାମରେ ବାହାରକୁ ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଥିବା ବଧା ପୋଖରୀକୁ ସୁନୀଲ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ସେ ପୋଖରୀରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନୀଲଙ୍କ ମୃତ୍ୟୁ ଖବରପାଇ ମା'ବାପା ଏବଂ ସମ୍ପର୍କୀୟ ମେଡିକାଲରେ ପହଞ୍ଚିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଆଇନ ମନ୍ତ୍ରୀ ହରିଚନ୍ଦନଙ୍କୁ ନାଗରିକ ସମ୍ବର୍ଦ୍ଧନା

ବାଲୁଗାଁ/ ଟାଙ୍ଗୀ,୩୦।୬ (ସଂଗ୍ରାମ ପାଇକରାୟ/ରଘୁନାଥ ସାହୁ)

ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ମେଧାବୀ ଅଭିନନ୍ଦନ ଓ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଅପରାହ୍ଣରେ ମନ୍ତ୍ରୀ ହରିଚନ୍ଦନ ବାଲୁଗାଁରେ ପହଞ୍ଚିବା ପରେ ଶ୍ରୀରାମ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ପରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସମ୍ପାଦକ ଅତିଥି ପରିଚୟ ଓ ପ୍ରଧାନାଚାର୍ଯ୍ୟ ପ୍ରହଲ୍ଲାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ ମୁଖ୍ୟ ଅତିଥି ହରିଚନ୍ଦନଙ୍କୁ ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଉତ୍ତୋରୋତ୍ତର ଉନ୍ନତି କାମନା କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ରାଜ୍ୟ ମେଧାବୃତ୍ତିରେ ଷଷ୍ଠ ସ୍ଥାନ ଅଧିକାର କରିଥିବା ତୃତୀୟ ଶ୍ରେଣୀ ଛାତ୍ରୀ ପଦ୍ମାଳୟା ପ୍ରଧାନ ଏବଂ ବିଦ୍ୟାଳୟ ଉନ୍ନତି କ୍ଷେତ୍ରରେ ସହଯୋଗ କରିଥିବା ସାମାଜିକ କର୍ମୀ ସୁକାନ୍ତ ବିଶ୍ୱାଳ ଓ ରବୀନ୍ଦ୍ର ଜେନାଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ସେହିପରି ଉମାମହେଶ୍ୱର ବଣିକ ସଂଘ ପକ୍ଷରୁ ମନ୍ତ୍ରୀ ହରିଚନ୍ଦନଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ଅଶୋକ ନଗରସ୍ଥିତ ସଂଘ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଜଗଦୀଶ ଲାଖଟିଆ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସଭାପତି ରବିନାରାୟଣ ନାୟକ ଏବଂ ସମ୍ପାଦକ ସରୋଜ ପାତ୍ର ମନ୍ତ୍ରୀ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ସଂଘର ସଦସ୍ୟମାନେ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରିଥିଲେ। ଖୁବ୍‌ଶୀଘ୍ର ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନାଚୁଣୀ ପଞ୍ଚାୟତ ପକ୍ଷରୁ ମନ୍ତ୍ରୀ ହରିଚନ୍ଦନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସମାବେଶରେ ନାଚୁଣୀ ସରପଞ୍ଚ ସ୍ୱପ୍ନାଞ୍ଜଳି ପଲେଇ ଅଧକ୍ଷତା କରିଥିବା ବେଳେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ହରିପୁର ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ମୋରାମୋରୀ ସରପଞ୍ଚ ବସନ୍ତ ମାଳି, ନାଚୁଣୀ ପଞ୍ଚାୟତ ସମିତିସଭ୍ୟ ବିରଞ୍ଚି ନାରାୟଣ ରାଉତ, ସାମ୍ବାଦିକ ଭିକାରୀ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ନାଚୁଣୀ ପଞ୍ଚାୟତ ଏବଂ ବିଭିନ୍ନ ସଂସ୍ଥା ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ଉତ୍ସବ ସ୍ଥଳକୁ ନିଆଯାଇଥିଲା। ଶିକ୍ଷକ ସୁରେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱଭୂଷଣ ରାଉତରାୟ ଧନ୍ୟବାଦ ଦେଇଥିଲେ।

## ଫେରାର ଅଭିଯୁକ୍ତ ଗିରଫ

ବାଣପୁର,୩୦।୬(ଦିଲୀପ ସ୍ୱାଇଁ): ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ନାଚୁଣୀ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କହ୍ନେଇପୁର ଗ୍ରାମର ସଞ୍ଜୀବ ପାଇକରାୟ ଓରଫ ବୁବୁ। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତେବେ ସଞ୍ଜୀବଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ହତ୍ୟା, ଚୋରି, ଡକାୟତି, ରାହାଜାନି, ଲୁଟ ଆଦି ବିଭିନ୍ନ ଅପରାଧରେ ଲିପ୍ତରହି ବହୁ ବର୍ଷ ଧରି ଫେରାର ରହିଥିଲା। ଶନିବାର ସେ ଘରେ ଥିବା ଖବରପାଇ ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ନିର୍ଦ୍ଦେଶକ୍ରମେ କନଷ୍ଟେବଳ ଅରୁଣ ପୁରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ କହ୍ନେଇପୁର ଗ୍ରାମର ଚଢ଼ାଉ କରି ସଞ୍ଜୀବଙ୍କୁ ଗିରଫ କରିଥିଲେ।

## ପ୍ରଧାନ ଶିକ୍ଷକ ରବୀନ୍ଦ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା/ଜଟଣୀ,୩୦।୬ (ପ୍ରଭାତ ପାଣିଗ୍ରାହୀ/ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ପାଣିଓରା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅକ୍ଷୟ ପାଲଟାସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଆରସିସି ପୂର୍ଣ୍ଣଚନ୍ଦ୍ର ବେହେରା, ପୂର୍ବତନ ବିଆରସିସି ରବୀନ୍ଦ୍ର ଶତପଥୀ, ଅଙ୍ଗାରପଡା ସରପଞ୍ଚ ମମତା ସାହୁ, ଜଟଣୀ ପୂର୍ବତନ ବିଇଓ ରମେଶ ଚନ୍ଦ୍ର ଖଟେଇ, ପୂର୍ବତନ ଟାଙ୍ଗୀ ବିଇଓ ସୁରେନ୍ଦ୍ର ମଙ୍ଗରାଜ, କୈଳାସ ଚନ୍ଦ୍ର ରାଉତ, ଗଗନ ମଙ୍ଗରାଜ, ସିଆରସିସି ପ୍ରିୟରଞ୍ଜନ ସମନ୍ତରା, ଜିତରଞ୍ଜନ ମହାପାତ୍ର, ନିଧି ବେହେରା, ତ୍ରିନାଥ ସାମନ୍ତରାୟ, ଦେବରାଜ ପ୍ରଧାନ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରେ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିକ୍ଷାବିତ୍ ଦେବେନ୍ଦ୍ର କୁମାର ରଥ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ 'ସ୍ମୃତି ତୁମ ଅଭୁଲା କାହାଣୀ' ଏକ କବିତା ପାଠ କରି ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି କରିଥିଲେ। ଶେଷରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଶିବାଜୀ ଡିଭିଜନ ଚାମ୍ପିୟନ

### ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ରରେ କ୍ରସ୍-କଣ୍ଟ୍ରି ପ୍ରତିଯୋଗିତା




ଅତିଥିଙ୍କଠାରୁ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବାଲୁଗାଁ,୩୦।୬(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିସରରେ ଆନ୍ତଃ ଡିଭିଜନାଲ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିରକ୍ଷା କେନ୍ଦ୍ର କମାଣ୍ଡର କମୋଡର ଏନ୍.ପି. ପ୍ରଦୀପ ପତାକା ଦେଖାଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିରକ୍ଷା କର୍ମଚାରୀ, ସାଧାରଣ ନାଗରିକ ଏବଂ ସେମାନଙ୍କ ପରିବାରର ୧୮୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ସେମାନଙ୍କ ଶାରୀରିକ ସକ୍ଷମତାକୁ ପ୍ରତିପାଦିତ କରିଥିଲେ। ଏହି ପ୍ରତିଯୋଗିତା କେବଳ ଶାରୀରିକ ସକ୍ଷମତାକୁ ଗୁରୁତ୍ୱ ଦେଇ ନ ଥାଏ ବରଂ ଦୃଢ଼ତା ଏବଂ ସମ୍ପ୍ରଦାୟ ଅନୁଭବକୁ ପାଳନ କରିଥାଏ। ଏହି ପ୍ରତିଯୋଗିତାରେ ଶିବାଜୀ ଡିଭିଜନ ପ୍ରଥମ ଏବଂ ବିକ୍ରମାଦିତ୍ୟ ଡିଭିଜନ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

## ରାଜ୍ୟସ୍ତରୀୟ କିକ୍‌ବକ୍ସିଂ ଚାମ୍ପିୟନଶିପ୍

ଜଟଣୀ,୩୦।୬(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା କିକ୍‌ବକ୍ସିଂ ଆସୋସିଏଶନ ଓ ହାପିଞ୍ଜର ମିଳିତ ଆନୁକୂଲ୍ୟରେ ଏବଂ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସହଯୋଗରେ ରବିବାର ଜଟଣୀସ୍ଥିତ ରେଲୱେ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ରାଜ୍ୟସ୍ତରୀୟ ସବ୍ ଜୁନିୟର, ଜୁନିୟର (ବାଳିକା ଏବଂ ବାଳକ), ସିନିୟର ମହିଳା ଏବଂ ପୁରୁଷ କିକ୍‌ବକ୍ସିଂ ଚାମ୍ପିୟନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାରୁ ବିଭିନ୍ନ ବର୍ଗରେ ୩ଶହରୁ ଅଧିକ ପ୍ରତିଯୋଗୀ ଭାଗନେଇଥିଲେ। ୬ବର୍ଷରୁ କମ ବାଳକ ବିଭାଗରେ ସ୍ୱସ୍ତିକ ସେନାପତି ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ, ଯୁନୁଷ ବସୁ ମଲିକ ରୌପ୍ୟ ଏବଂ ଦିବ୍ୟଜ୍ୟୋତି କିଶୋର ରାଉତ ଓ ହେମନ୍ତ ରାଜ ମିଳିତଭାବେ କଂସ୍ୟ ପଦକ ପାଇଛନ୍ତି। ସେହିପରି ୭ବର୍ଷରୁ କମ୍ ପଏଣ୍ଟ ଫାଇଟରେ ସାଇ ସାଗର ସୁବୁଦ୍ଧି ସ୍ୱର୍ଣ୍ଣ, ନିର୍ମାଲ୍ୟ ପଣ୍ଡା ରୌପ୍ୟ ଏବଂ ପ୍ରତ୍ୟୁଷ ପ୍ରିୟଦର୍ଶୀ କାଂସ୍ୟ ପଦକ ହାସଲ କରିଛନ୍ତି। ୯ବର୍ଷରୁ କମ ବାଳକ ବିଭାଗରେ ଆଦିତ୍ୟ ନାରାୟଣ ସାହୁ ସ୍ୱର୍ଣ୍ଣ, ନିତିନ କୁମାର ପଣ୍ଡା ରୌପ୍ୟ ଏବଂ ପ୍ରତ୍ୟୁଷ ଦାସ ଓ ରୁଦ୍ରପ୍ରତାପ ମହାନ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏହିପରି ମୋଟ୍ ୩୩ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୨ଜଣ ସ୍ୱର୍ଣ୍ଣ ପଦକ, ୧୨ଜଣ ରୌପ୍ୟ ଏବଂ ୯ଜଣ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ସମସ୍ତ ପ୍ରତିଯୋଗୀ ଆସନ୍ତା ମାସରେ ରାଜସ୍ଥାନ ଜୟପୁରରେ ହେବାକୁ ଥିବା ନାସନାଲ ଚାମ୍ପିୟନସିପରେ ଭାଗ ନେବେ। ଏହି ପ୍ରତିଯୋଗିତାରେ ଅତିଥିଭାବେ ଜଟଣୀର ବିଶିଷ୍ଟ ସମାଜସେବୀ ତଥା ପାଣ୍ଡବ ଜେନା ଫାଉଣ୍ଡେସନ ଅଧକ୍ଷ ଡ.ସନ୍ତୋଷ ଜେନା, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ବେହେରା, ଦୀନବନ୍ଧୁ ବେହେରା ଏବଂ ମହମ୍ମଦ ଜାକିରୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପ୍ରତିଯୋଗିତାକୁ ଚିନ୍ମୟ ସାମନ୍ତରାୟ ଏବଂ ନିଖିଳ ବାନୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତା ପରିପ୍ରେକ୍ଷୀରେ କ୍ରୀଡା ଏବଂ ସମଜସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରୀଡା ରତ୍ନ ପୁରସ୍କାର ଅଲେଖ ଚନ୍ଦ୍ର ବଳିୟାରସିଂ, ବଟକୃଷ୍ଣ ଜେନା, ସେକ. ତୋଫାନ, ଅଜୟ କୁମାର ସାହୁ, ଉପେନ୍ଦ୍ରନାଥ ଦାସ, ବାସନ୍ତୀ ପାଇକରାୟ ଏବଂ ପ୍ରଭାତୀ ସାହୁଙ୍କୁ ପ୍ରଦାନ କରାଯଇଥିଲା। ସେକ୍. ତାହାସିନ ଏବଂ କପିଳେନ୍ଦ୍ର ଦାସଙ୍କୁ ସମଜସେବାରେ ବଳିଷ୍ଠ ଅବଦାନ ପାଇଁ ସେବାରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ନରେନ୍ଦ୍ର ମୁଦୁଲି ଏବଂ ରଶ୍ମିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରେମାନନ୍ଦ ବରାଳ ଧନ୍ୟବାଦ ଦେଇଥିଲେ।



